ପ୍ରାଚୀ ଗ୍ରନ୍ଥମାଳା ତ୍ରିଂଶ

ଚଉତିଶା-ମଧୁଚକ୍ର

ପ୍ରାଚୀ

ପ୍ରାଚୀ ସମିତି

ଚଉତିଶା-ମଧୁଚକ୍ର

(ଦ୍ୱିତୀୟ ଖଣ୍ଡ)

ପ୍ରାଚୀ ସମିତି ପକ୍ଷରୁ

ଶ୍ରୀ ବିଚ୍ଛନ୍ଦ ଚରଣ ପଟ୍ଟନାୟକ ବି: ଏ: ଙ୍କ

ଦ୍ୱାରା ସଙ୍କଳିତ

ଓ

ଚଉତିଶା ଚନ୍ଦ୍ରିକା ଟୀକା ସହ

ସମ୍ପାଦିତ

ପ୍ରକାଶକ :—

ପ୍ରାଚୀ ସମିତି, କଟକ

ମୂଲ୍ୟ ଆଠଅଣା

ପ୍ରଥମ ମୁଦ୍ରଣ

ଏକ ସହସ୍ର

Copy right strictly reserved by the Samiti

ଏକମାତ୍ର ପ୍ରାପ୍ତିସ୍ଥାନ :—

ପୁରୀ ବୁକ୍‌ଷ୍ଟଲ୍

ଗଣେଶଘାଟ, ପୋ: ଅ: ଚାନ୍ଦନୀଚୌକ,

କଟକ

ମୁଖବନ୍ଧ

ମଧୁଚକ୍ରର ପ୍ରଥମଖଣ୍ଡର ମୁଖବନ୍ଧରେ ଚଉତିଶାଶ୍ରେଣୀୟ କବିତାର ପ୍ରକୃତି ଆଲୋଚିତ ହୋଇଅଛି । ବି ଚଉତିଶା, ବି ଚଉପଦୀ, ବି ଛାନ୍ଦ ଉତ୍କଳର ସମସ୍ତ ପୁରାତନ କବିତାମାନଙ୍କର ପ୍ରାଣ, ସଙ୍ଗୀତ । ଛନ୍ଦାଲଙ୍କାର ବିଭୂଷିତ ହୋଇ କବିତା ଆକାରରେ ଭାବ ଉପସ୍ଥିତ ନ ହେଲେ ତାହା ଉତ୍କଳୀୟଙ୍କ ପ୍ରାଣରଞ୍ଜନ କରୁ ନ ଥିଲା । ଯେଉଁମାନେ ଉତ୍କଳଜାତିକୁ ସମୂହ ଭାବରେ ଦେଖନ୍ତି, ବ୍ୟଷ୍ଟି ଭାବରେ କେତେକ ଲୁପ୍ତ-ସ୍ୱାତନ୍ତ୍ର୍ୟ ବିଦେଶୀ ଭାବାନୁପ୍ରାଣିତ ବ୍ୟକ୍ତିଙ୍କୁ ଦେଖି ସମଗ୍ର ଜାତିର ଧାରଣା କରନ୍ତି ନାହିଁ, ସେମାନେ ଅବଶ୍ୟ ଅବଗତ ଯେ ଉତ୍କଳୀୟ-ପ୍ରାଣ ଉପରେ ଏହି ସଙ୍ଗୀତ-ପ୍ରିୟତା ଓ ଛନ୍ଦ-ବିଳାସ-ପ୍ରବଣତାର ପ୍ରଭାବ ସଦାସର୍ବଦା ଅକ୍ଷୁଣ୍ଣ । ବିଶେଷ କହିବା ବାହୁଲ୍ୟ, ସ୍ୱାମୀ ଗୃହ-ଗମନୋଦ୍ୟତା ଉତ୍କଳ କୁମାରୀର କ୍ରନ୍ଦନ ମଧ୍ୟ ଛନ୍ଦ-ବଦ୍ଧ । ତେଣୁ ସଙ୍ଗୀତର ଦିବ୍ୟ ଉପାଦାନରେ ଗଠିତ ଏହି ଗ୍ରନ୍ଥ-ସନ୍ନିବିଷ୍ଟ ଚଉତିଶା ଗୁଡ଼ିକ ପୂର୍ବବତ୍ ଆଜି ଯେ ଉତ୍କଳୀୟ ନର ନାରୀଙ୍କ ହୃଦୟ-ତନ୍ତ୍ରୀକୁ ତାଳେ ତାଳେ ନଚାଇବ, ଏ ଆଶା ଆମ୍ଭମାନଙ୍କ ପକ୍ଷେ ସ୍ୱାଭାବିକ ।

ରାଧାନାଥ—ଯୁଗର ସଙ୍ଗୀତହୀନ କବିତାର ଉତ୍କଟ ପ୍ରଭାବ ବହୁବିଧ କାରଣରୁ ଏହି କଳାପ୍ରାଣ ସଙ୍ଗୀତପ୍ରିୟ ଦେଶକୁ ଗ୍ରାସ କରି ରହିଅଛି । ତା' ଉପରେ ବଙ୍ଗାଗତ ବାଉଟିଶା ପ୍ରଭାବ ଉତ୍କଳର

ଜାତୀୟ ସାହିତ୍ୟ ଉପରେ ତାର ଅସ୍ୱାସ୍ଥ୍ୟକର ଛାପ୍ପାପାତ କଲାଣି । ଯେଉଁମାନେ ଏ ଜାତିର ନାଡ଼ି ଠିକ୍ ଚିପିଅଛନ୍ତି ସେମାନେ ଅବଶ୍ୟ କହିବେ, ଏହି ସବୁ ପ୍ରଭାବ ବିରୁଦ୍ଧରେ ଜାତିର ହୃଦ୍ୟ ଅନ୍ତରାତ୍ମା ଧୀର ସୁସ୍ଥ ଭାବରେ ଅଦୃଶ୍ୟ, ଅଶବ୍ଦ ଅଥଚ ଗୋଟିଏ ନିସ୍ତବ୍ଧ ବିଦ୍ରୋହର ଆୟୋଜନ କରୁଅଛି ।

ଯେଉଁସବୁ ସାହିତ୍ୟିକ-କଳା-କାରୁକାର୍ଯ୍ୟ-ମଣ୍ଡିତ ଉତ୍କଳର ପ୍ରାଣର ଗୀତ ଦିନେ ଉତ୍କଳୀୟଙ୍କ କଣ୍ଠର ହାର ଥିଲା ଓ କାଳର କୁଟିଳ ଗତି ପ୍ରଭାବରେ କଣ୍ଠରୁ ଅପସାରିତ ହୋଇ ବିସ୍ମୃତିର ସ୍ତବ୍ଧ ଅନ୍ଧକାରରେ ପଡ଼ିଥିଲା, ଚଉତିଶା-ମଧୁଚକ୍ରରେ ସେ ଗୁଡ଼ିକର ପୁନରୁଦ୍ଧାର ହୋଇଅଛି । ଦ୍ୱିତୀୟ ଖଣ୍ଡର ଗୋଟିଏ ଗୀତକୁ ଛାଡ଼ି ସମସ୍ତ ଗୀତ ଆଧୁନିକ ଉତ୍କଳୀୟଙ୍କ ନିକଟରେ ନୂତନ । ସ୍ୱତି-ନିର୍ବିଶେଷରେ ଯେଉଁସବୁ ମାଧୁର୍ଯ୍ୟମୟ, ଲଳିତ ଗୀତ ଜାତିର ହୃଦୟ-କନ୍ଦରରେ ଅନୁକୂଳ ପ୍ରତିଧ୍ୱନି ଉଠାଇବାକୁ ସକ୍ଷମ, ମଧୁଚକ୍ରର ପ୍ରତ୍ୟେକ ଗୀତ ସେହି ଶ୍ରେଣୀର । ପୁରାତନ ଗୀତରେ ନୂତନ ଭଙ୍ଗୀ ବିଶିଷ୍ଟ ନବୀନ ଭାବ ଆଶାକରିବା ବୃଥା । ତେବେ ନବୀନ ଭାବ ପ୍ରକାଶ ନିମନ୍ତେ ଜାତୀୟ-ରୁଚି-ଅନୁମୋଦିତ ସରଣୀ ଓ ଭଙ୍ଗୀ ଯୋଗାଇବାରେ ସଂକଳିତ ଚଉତିଶା ଗୁଡ଼ିକ ଯେ ଅତୀବ ପ୍ରଶସ୍ତ କହିବା ନିଷ୍ପ୍ରୟୋଜନ ।

ଉତ୍କଳଜାତିର ହୃଦୟ ଜ୍ଞାନାଲୋକ ଯୌତ ପ୍ରାସାଦରେ କେବଳ ଆବଦ୍ଧ ନୁହେ । ଯେଉଁ କବି ଉତ୍କଳର ଆତ୍ମାକୁ ସ୍ପର୍ଶ କରିବା ନିମନ୍ତେ ପ୍ରୟାସୀ, ସୁଦାନ କୁଟୀର ପାଇଁ ସୁଦ୍ଧା ତାଙ୍କୁ କବିତାର ମଧୁର ସମ୍ଭାର ଯୋଗାଇବାକୁ ହେବ । ଆମ୍ଭମାନଙ୍କର ଦୃଢ ବିଶ୍ୱାସ, ଚଉତିଶା ସବୁ ଯେଉଁ ଅର୍ଥରେ ଜାତୀୟ କବିତା,

ସଙ୍ଗୀତପ୍ରାଣତା ଯୋଗେ ରାଧାନାଥ ଯୁଗର କବିତା ଓ ରାଧାନାଥ ପରଯୁଗର ବିଦେଶୀ ଗନ୍ଧଥିଲା ନବୀନ କବିତା କେହିହେଲେ ଯେ ଅର୍ଥରେ ଜାତୀୟ କବିତା ହୋଇ ପାରିବେ ନାହିଁ । ସେଥିଯୋଗୁଁ ତ ସେମାନଙ୍କ ବିରୁଦ୍ଧରେ ଜାତିର ଅନ୍ତରାତ୍ମାର ଶଂସିତ ବିଦ୍ରୋହ ସ୍ପୃହା । ଯେଉଁମାନେ ଜାତୀୟ ଭାବରେ ଅନୁପ୍ରାଣିତ, ଏହି ବିଦ୍ରୋହସ୍ପୃହାକୁ ପୁଷ୍ଟ ଓ ବଳିଷ୍ଠ କରିବା ସେମାନଙ୍କର ଅବଶ୍ୟ କର୍ତ୍ତବ୍ୟ । ଚନ୍ଦ୍ରଭାଗା-ସମ୍ପାଦକ ଏହି ଜାତୀୟ କର୍ତ୍ତବ୍ୟରେ ଯେ ସେମାନଙ୍କର ସମ୍ୟକ୍ ସହାୟକ ହେବ, ଏହା ନିର୍ଦ୍ୱନ୍ଦରେ ଘୋଷିତ ହୋଇ ପାରେ ।

ପ୍ରାଚୀ କର୍ମ ଭବନ
ଗଣେଶଘାଟ, କଟକ
୧୦।୭।୩୧

ଶ୍ରୀ ବିଚ୍ଛନ୍ଦ ଚରଣ ପଟ୍ଟନାୟକ

ଚଉତିଶା ମଧୁଚକ୍ର

ଦ୍ୱିତୀୟ ଖଣ୍ଡ

ସୂଚୀପତ୍ର

ଏକାଦଶ କୋଷ—ଅର୍ତ୍ତିହାଣ ବା ଜଣାଣ ଚଉତିଶା (ଦୀନକୃଷ୍ଣ) ୧—୧୮

ଦ୍ୱାଦଶ କୋଷ—ଘନଶ୍ୟାମ ଚଉତିଶା (ଦୀନକୃଷ୍ଣ) ୧୯—୩୩

ତ୍ରୟୋଦଶ କୋଷ—ଗୁଣ୍ଡିଚା-ଭାବନା ଚଉତିଶା (ଦୀନକୃଷ୍ଣ) ୩୪—୪୧

ଚତୁର୍ଦ୍ଦଶ କୋଷ—ଧ୍ୟାନ-ସ୍ମରଣ ଚଉତିଶା (ଦୀନକୃଷ୍ଣ) ୪୨—୫୧

ପଞ୍ଚଦଶ କୋଷ—ଜଗବନ୍ଧୁ ଜଣାଣ ଚଉତିଶା (ସାଧୁ) ୫୨—୫୬

ଷୋଡ଼ଶ କୋଷ—ସୀତାନୁଚିନ୍ତା ଚଉତିଶା (ମଙ୍ଗରାଜ) ୫୭—୬୩

ସପ୍ତଦଶ କୋଷ—ରାମଚନ୍ଦ୍ର ଜଣାଣ ଚଉତିଶା (ଭୋବନ) ୬୪—୭୭

ଅଷ୍ଟାଦଶ କୋଷ—ବନ୍ଧୁଳ ଚଉତିଶା (ବଂଶୀଧର ଦାସ) ୭୮—୮୫

ଊନବିଂଶ କୋଷ—ସପ୍ତରାଗ ଚଉତିଶା (ସତ୍ରିବର ଦେଓଭଞ୍ଜ) ୮୬—୯୬

ବିଂଶ କୋଷ—ବୋଲି ଚଉତିଶା (ନିଧି ଦାସ) ୯୭—୧୦୨

ଏକବିଂଶ କୋଷ—ମାୟାମୃଗ ଚଉତିଶା (ଅଜ୍ଞାତ) ୧୦୩—୧୧୩

ପରିଶିଷ୍ଟ—ଚଉତିଶା ଚନ୍ଦ୍ରିକା ଟୀକା

ଆର୍ତ୍ତତ୍ରାଣ ବା ଜଣାଣ ଚଉତିଶା

ପ୍ରବାଦ ଅଛି ଗରୁଡ଼ ସ୍ତମ୍ଭ ନିକଟରେ ଜଗନ୍ନାଥଙ୍କ କଳା ଶ୍ରୀମୁଖକୁ ଚାହିଁ ଦାନକୃଷ୍ଣ ଏହି ଆର୍ତ୍ତତ୍ରାଣ ଚଉତିଶା (ଅନ୍ୟନାମ ଜଣାଣ ଚଉତିଶା) ତୁରନ୍ତ ରଚନା କରି ଗାନ କରିଥିଲେ ଓ ଫଳରେ ଦୁରାରୋଗ୍ୟ କୁଷ୍ଠବ୍ୟାଧିରୁ ମୁକ୍ତିଲାଭ କରିଥିଲେ । ଏହାଠାରୁ ହୃଦୟସ୍ପର୍ଶୀ ଜଣାଣଗୁଡ଼ିକ ଆଉ ଯେ ଉତ୍କଳ ସାହିତ୍ୟରେ ନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ । ଲଳନାଜନଠାରୁ ଏହା ଯେ କେତେ ଆଦୃତ ଛନ୍ଦରେ ପ୍ରଣମ-ବାରି ଗ୍ୟେଟନ କହିବି ଭାର ମୋର ନାହିଁ ।

(ରାଗ କାମୋଦୀ)

କୃପାସିନ୍ଧୁ ବଦନ କର ଅବଲୋକନ
କରୁଁ କର୍ମହୀନ ଜନ
କାକୁସ୍ୱରେ ହୋଇ କର ଯୋଡ଼ି ଜଣାଇଁ
ଗରୁଡ଼-ସ୍ତମ୍ଭ ସନ୍ନିଧାନ ହେ
ମହାପ୍ରଭୁ !
କୃପା-ସାଗର-ପତି ହୋଇ
କର୍ମହୀନଜନର ତହିଁ
କରୁଣା କଲ ନାହିଁ କପା ହେ ଭୁବସ୍ୱାମୀ
କହ ମୁଁ ବଚନ ମଣଇଁ ହେ । ୧ ।

୧-୩—କାକୁତିରେ ହୋଇ (ଗ)
୧-୨—କରମହୀନ ଜନ ମୁହିଁ (ଗ)

ଖିଳବ୍ରହ୍ମାଣ୍ଡୋଦରେ   କର୍ମହୀନ ଜନରେ
ଯେଣୁ ମୋ ସମ ଆନ ନାହିଁ
ଖଗଭେଳକ-କାନ୍ତ   ତ କାରଣୁ ଏମନ୍ତ
ଖେଦ ଅରତେ କହୁଲଇଁ ହେ
ମହାପ୍ରଭୁ !
ଖଣ୍ଡିଲ ନାହିଁ ଯେଣୁ ମୋର
ଖେଦ-ଅରତ-ରତ୍ନାକର
ଖିଳ ବ୍ରହ୍ମାଣ୍ଡୋଦରେ   ଖଣ୍ଡି ନାହିଁ କାହାରେ
କହିଁ ବିପଦ ବିଶ୍ୱମ୍ଭର ହେ । ୨ ।

ଗଜରାଜଙ୍କୁ ଜଳେ   ଗ୍ରାହ ଗ୍ରାସିଲା କାଳେ
ଡାକିଲା ରଖ ଆଦିମୂଳ
ଗରୁଡ଼ର ଅଙ୍ଗ   ଜାଣି ତାର ଶ୍ରୀରଙ୍ଗ
ରଥାଙ୍ଗ ପେଷିଲ ତତ୍କାଳ ହେ
ମହାପ୍ରଭୁ !
ଗ୍ରାହ ଜୀବନେ ନିବାରିଲ
ଗଜ ଦୁର୍ଗତିରୁ ତାରିଲ
ଗରୁଡ଼ାନ-କେତନ   ମୋହ କର୍ମକୁ ହୀନ
ନରେଶ-ନାରନାଥ ହେଲ ହେ । ୩ ।

୨-୨—ଖେଦ କରୁଣା ରତ୍ନାକର (ଖ)
୩-୧— ଗ୍ରାହ ଗ୍ରାସିବା କାଳେ (ଖ) ୩-୩—ଜାଣିଣ ତା ସ୍ୱରଙ୍ଗ (ଖ)
୩-୨—ଗରୁଡ଼ ବପଉ ତାଡ଼ଲ (ଖ) ୩-୭ – ମୋହୋ କର୍ମରୁ ଏବେ (ଖ)

ଘନଶ୍ୟାମ ହେ ଘନ— ବିପଦ ବିନାଶନ
ବିସ୍ମରି ଥାଇ ମନେ ମୋର
ଘୋର ବିପତ୍ତି ଛର କେତେ ମାତ୍ର ଯାହାର
ପ୍ରଭୁ ମହିମା-ଅକୂପାର ହେ
ମହାପ୍ରଭୁ !

ଘନେ ଏ କଥା ମନେ ଥିଲା
ଘୃଣା କି କାରଣେ ନୋହିଲା
ଘୋର ସଙ୍କଟ ମୋର ହୋଇ ଘଟ-ଭ୍ରମର
ମହିମା-ବାରିଧି ଶୋଷିଲା ହେ । ୪ ।

ନରେଖ ନିସ୍ତାରଣ କାରଣେ ପ୍ରହରଣ
କର-କମଳରେ ବହିଛ
କାଠନ ସମୟରେ କାହିଁ ମୋ ବିଷୟରେ
ନିର୍ଦ୍ଦୟ-ହୃଦୟ ହୋଇଛ ହେ
ମହାପ୍ରଭୁ !

ନୀଳାଚଳରେ ତୁମ୍ଭେ ଥିବ
କିପାଇଁ ନରେଖ ନାଶ ଯିବ
ନିଖିଳ-ନିକେତନ ନବ-ପଦ୍ମ-ଭୁବନ
ମଧ୍ୟେ ଏ କେମନ୍ତ ଦଶିବ ହେ । ୫ ।

୪-୧—ବିପତ୍ତି ବିନାଶନ (କ) ୪-୩—କେତେ ମାତର ଯାହା (କ)
୪-୮—ଘୋର ବିପତ୍ତି ଛର ହୋଇ ଘଟ ଭ୍ରମର ମହିମା ବାରିଧି ଶୋଷିଲ (ଖ)
୫-୩—ସମୟରେ ନିରଖ ଜନଠାରେ (ଖ) ୫-୬—ନିରଖ ଜନ ନାଶ ଯିବ (ଖ)
୫-୯—ମଧ୍ୟରେ କେମନ୍ତ ଶୁଭିବ (ଖ)

ଚତୁର୍ବର୍ଗ ଯାହାର   ଚରଣେ ପରିଚର
ଚଞ୍ଚଳା ଯାର ଆଜ୍ଞାକାରୀ
ଚାହିଁ ଯାହା ଶ୍ରୀମୁଖ   ଚ୍ୟୁତ ଦୁରିତ ଦୁଃଖ
ସେ ପ୍ରଭୁ-ଚିନ୍ତ୍ୟହିଁ ଚକାଣ୍ଡ ହେ
ମହାପ୍ରଭୁ !
ଚତୁର୍ଦ୍ଦଶ ଭୁବନ ପ୍ରାଣୀ
ଚକିତ ହେବେ ଏହା ଶୁଣି
ଚନ୍ଦ ନୋହଇ ଏହୁ   କଥା ହେ ମହାବାହୁ
ନୀଳଶଇଳ-ଚୂଡ଼ାମଣି ହେ । ୬ ।

ଛାଡ଼ି ସକଳ ଆଶ   ତୁମ୍ଭ ପାଦ-ସାରସ
ଭରସା କରିଛି ମନରେ
ଛେଉ ସାଗରେ ପଡ଼ି   ମରିବା କାଳେ ବୁଡ଼ି
ଛାଡ଼ି ତ ଦେଉଅଛ ମୋତେ ହେ
ମହାପ୍ରଭୁ !
ଛତ୍ର ମଣ୍ଡଳେ ତୁମ୍ଭ ବିନା
ଛଣେ କେ ଅଛି ଆନ ସେହା
ଛନ୍ନ ନୋହେ ଉଚିତ   କହୁଛି ପ୍ରଭୁ ସତ୍ୟ
ନଷ୍ଟେଁ ଏତେବେଳକୁ ସିନା ହେ । ୭

୬-୨—ଚଞ୍ଚଳା ଯାର (କ), ଅଜ୍ଞ କର (ଗ) ୬-୩—ଚାହିଁ ଯାହାର ମୁଖ…ସେ ପ୍ରଭୁ ଚିତ୍ତ ଅବଧାରି (କ) ୬-୮—ଚନ୍ଦ୍ର ନୋହେ ଏ ଏନ୍ତୁ କଥାହେ (ଗ)
୬-୯—ନୀଳାଦ୍ରି ଚନ୍ଦ୍ର ଚୂଡ଼ାମଣି (କ) ୭-୬—ଛଣକେ ଅଛି ବନ୍ଧୁସେହା (ଗ)
୭-୮—ଛନ୍ନ ନୋହେ ଉଚିତ (ଖ) ପ୍ରଭୁ ଭୃତ୍ୟ (କ)

ଜଗତ ଅନୁରାଗେ ଜାତ ଅବମାନଭାଗେ
ଦଇବେ ଜଗତର ନାଥ
ଜଗତ ଜନଙ୍କର ଭିତରୁ କି ବାହାର?
ମୁହିଁ କି କାରଣେ ଅନାଥ? ହେ
ମହାପ୍ରଭୁ!
ଜଗନ୍ନାଥ ନାମ ବହିବ
ଜନ-ଆରତ ନ ଶୁଣିବ
ଜଗତପତି ହୋଇ ଅନାଥ ଜନଠାଇଁ
ଆଉ କେ କା ଆଗେ କହିବ ହେ । ୮ ।

ଝଲକୁ ଏ ବଚନ ନବ ଖଣ୍ଡ ଭୁବନ
ଆରତ ଭଞ୍ଜନ ଶ୍ରୀହରି
ଝଙ୍କା ମଣୁଅଛି କାହିଁ ମୋ ହୃଦପୁରେ
ବିନାଶ କାଳେ ଦଇତାରି ହେ
ମହାପ୍ରଭୁ !
ଝାଡ଼େ ଡାକିଲା ଗର୍ଭୀ ଏଣୀ
ଝାଡ଼କାରେ ତା ବାଣୀ ଶୁଣି
ଝିମିଟେ ସେ ବିପତ୍ତି ହରିଲ ହେ ଶ୍ରୀପତି
ମୋରେ ନିର୍ଦ୍ଦୟ କିପାଁ ପୁଣି ହେ । ୯ ।

୮-୧—ଜନଙ୍କ ଅନୁରାଗେ (କ) ୮-୩—ଭିତରୁଁ ବାହାର (ଖ),
୮-୪—ମନ କି କାରଣେ (କ)
୯-୭ ଝଙ୍କାରେ ତା ଡାକ ଶୁଣି (ଖ)।

ଞଗୁଣ ଥିଲେ ଚିତ୍ତେ   କହ ହେ ପ୍ରଭୁ ମୋତେ
ମୋ ଜୀବ ପ୍ରତିଆଶା ତୁଟୁ
ଞଟେଁ କରୁଣାନିଧି   ହେଲେ ନିର୍ଦ୍ଦୟ ବୁଝି
ବୋଲି ତିଭୁବନେ ପ୍ରକଟୁ ହେ
ମହାପ୍ରଭୁ !
ଞଟେଁ ନିର୍ଦ୍ଦୟ ହେବ ଯେବେ
ନିଖିଳ ଅଉ ନଞ ଥିବେ
ନାଗ–ନୃପତି, ସୁର,   ସମୀର, ନିଧିଧର
ଯେ ଯାହା ସତ୍ୟଙ୍କୁ ଲଭିବେ ହେ । ୧୦ ।

ଟିକାଏ ବିଲମ୍ବିତ   ନକର ପତିତପୁତ
ଯୋଗିଛ ସଙ୍କଟୁ ତାରିଲ
ଟେକି ଦୁଃସହ ଘୋର   ଦାରିଦ୍ର ସୁଦାମାର
ଦର୍ଶନ ମାତ୍ରକେ ହରିଲ ହେ
ମହାପ୍ରଭୁ !
ଟେକ କରୁଣା କଟାକ୍ଷରେ
ଟିକାଏ ବିଲୋକିଲେ ମୋରେ
ଟଳିବ କି ମହିମା   ଅପାର ସୁଖସୀମା
ଏମନ୍ତ ଦଗ୍ଧର ମନରେ ହେ । ୧୧ ।

୧୦-୧—ନ ଥିଲେ ଦୟା ଚିତ୍ତେ (ଖ) । ୧୦-୩—ହେଲେ ନିର୍ଦ୍ଦୟ ନିଧି (ଖ) ।
୧୦-୬—ଞଟେଁ ନଗଣ ହେବ ଯେବେ (କ) । ୧୦-୮—ସୁର ସପତିନିଧି ଧର (ଖ) ।
୧୧-୭—ଟିକାଏ ବଳନ୍ତ କି ମୋରେ (ଖ)
୧୧-୮—ଟଳିବନ୍ତ ମହିମା ଶୁଣି ହେ ସୁଖ ସୀମା (ଖ)

ଠାବ ନ କଲ ଚତ୍ତେ   କଉଁ ଦୋଷକୁ ମୋତେ
ନାସ୍ତ କରୁଛ ଗୋସାଇଁ !
ଠାକୁର ହୋଇ ଉଚ୍ଚ୍ୟ—   ଠାରେ କଲେ ଏମନ୍ତ
ଆଉ ତାହାର ଗତି କାହିଁ ହେ
ମହାପ୍ରଭୁ !

ଠୁଳ ବିପତ୍ତି ଦେଖି ମୋର
ଠିକେ ବା କରୁଛ ଅନ୍ତର
ଠଣ ପଦ୍ମଚରଣ   ବାନ୍ଧୁ ପ୍ରତିକାରଣ
ଅଛୁ କେ ବ୍ରହ୍ମାଣ୍ଡ ଭିତର ହେ । ୧୨ ।

ତେଉଥିଲ ଶ୍ରବଣ   ଗଜ ଅବ ବ୍ରାହ୍ମଣ
ଡାକନ୍ତା ମାତ୍ରକେ ଶୁଣିଲ
ଡୋଳାଗୋଚରେ ଥାଇ   ଡାକଲେ ଶୁଣ ନାହିଁ
କର୍ଣ୍ଣ—କୁହର କି ମୁଦିଲ ହେ
ମହାପ୍ରଭୁ !

ଡାକ ବାଜୁଛି ଜଗତରେ
ଡାକଲେ ନ ଶୁଣ କର୍ଣ୍ଣରେ
ଡରିଲ କି ମୋହର   ବିପଦ ଦେଖି ଘୋର
ଡେଣ୍ଟ ବା ନ ଶୁଣ ବାହ୍ୟରେ ହେ । ୧୩ ।

୧୨-୪—ଆଉ ତାଅଗେ କହିବଇଁ (ଖ) ୧୨-୭—ଠିକେ ବା କରଇଛ ଦୂର (କ) ।
୧୨-୧—ଅଛକେ ବ୍ରହ୍ମାଣ୍ଡଠାକୁର (କ) । ୧୩-୩—ଡାକଲେ ନ ଶୁଭଇ (ଖ) ।
୧୩-୭ – ଡ଼ାକ ପଉଛି (ଖ) । ୧୩-୭—ଡ଼ାକଲେ ନ ଶୁଣ କର୍ଣ୍ଣରେ (ଖ) ।

ଢାଟିଲ ତୁମ୍ଭ ବାହାରେ ଅଛି ଯେ ବ୍ରହ୍ମାଣ୍ଡରେ
କା'ଆଗେ କହିବି ମୁଁ ଆଉ
ଢାଟିଲ ବିପଦାର୍ଣ୍ଣବେ ଭାସୁଛି ଭକ୍ତ୍ୟ ଏବେ
ତୁମ୍ଭ ପରାଏ ପ୍ରଭୁ ଥାଉଁ ହେ
ମହାପ୍ରଭୁ !
ଢମାଳୀ ପ୍ରାଏ ମୋ ଉତ୍ତର
ଢାଟେଲ ନ ମଣ ଚକ୍ରଧର
ଢଳ ଯାଉଛି ଜୀବ ଦେଇ କରୁଣା-ନାବ
ଉଦ୍ଧର ଧର ବିଶ୍ୱମ୍ଭର ହେ । ୧୪ ।

ଅଡ଼ଷ ହେ ମହାବାହୁ ବିପଦ-ରଦ୍ର-ସିନ୍ଧୁ
ଆଜ୍ଞା ଯେ ଦେଇଛ ଶ୍ରୀମୁଖେ
ଇତର ଜନ ହେଲେ ଅରଡରେ ଡ଼ାକିଲେ
ଅଡଙ୍ଗ ନ ସହଇ ଦେଖେ ହେ
ମହାପ୍ରଭୁ !
ଆଉ ଅରତ ମୋହପରେ
ଅଛି କେ ବ୍ରହ୍ମାଣ୍ଡ ଭିତରେ ?
ଅରଡନାଶ ତାହା ଜାଣ ହେ ଚଉବାହା
ପ୍ରତେ ତ ନାହିଁ ମୋ ମନରେ ହେ । ୧୫ ।

୧୪-୩—ହସି ନ ପାଉଅଛ (କ) ।
୧୪-୮—ନ ଯାଉ ଜୀବ (କ) ୧୫-୧—ନପରିଚନ୍ଦ୍ର ସିନ୍ଧୁ (ଖ)
୧୫-୩—ଅରତ ଜନ (ଖ) ।
୧୫-୯—ପ୍ରତ୍ୟୟ ନାହିଁ ମୋ ମନରେ (ଖ) ।

ତୁମ୍ଭେ ତିତାପହର   ତିଭୁବନ-ଈଶ୍ୱର
ପତିତଜନ-ନିସ୍ତାରଣ
ତେଣୁ ମନେ ମୋହର   ଭରସା ନିରନ୍ତର
ଯେଣୁ ମୁଁ ପତିତ-ଭୂଷଣ ହେ
ମହାପ୍ରଭୁ !

ତଥାପି କରୁଣାନିଧାନ
ଚାହିଁ ନ କଲେ ଦୀନଜନ
ତେଣୁ ତୁମ୍ଭର ଦୀନ—   ବନ୍ଧୁ-ନାମ-କେତନ
ତେଜ ତ୍ରିଭୁବନ-ମୋହନ ହେ । ୧୬ ।

ଥୟେ ନୋହୁଛି ମନ   ଯେସନ୍ତେ ବଜ୍ରଳ ଘନ
କମଳଦଳ-ବନ ପ୍ରାୟେ
ଥିଲା ଯେଉଁ ପ୍ରଭୁଙ୍କୁ   ଆଶା ଉଦ୍ଧରିବାକୁ
ଦେଖି ସେ ପ୍ରଭୁର ନିର୍ଦ୍ଦୟେ ହେ
ମହାପ୍ରଭୁ !

ଥିଲେ କି ଅଛୁ ବ୍ରହ୍ମାଣ୍ଡରେ
ଅଫୁ ବା କେ କରିବ ମୋରେ
ଥିତ ଅବ ପ୍ରଳୟେ   ଯାହା ଆଜ୍ଞାରୁ ହୋୟେ
ସେ ପ୍ରଭୁ ନ ରଖିଲା ଠାରେ ହେ । ୧୭ ।

୧୬-୧—ତୁମେ ତାପନି ପେତ (କ) । ୧୬-୨—ପତିତଜନ ନିସ୍ତାରଣ (ଗ) ।
୧୬-୩—ତେଣୁ ତେଣୁ ଭରସା ଥାଇ ମୋ ନିରନ୍ତରେ (ଖ)
୧୭-୧—ଥୟେ ନୋହଇ ମନ (ଖ)
୧୭-୨—କମଳଦଳ ବନ (ଗ) ।
୧୭-୩।୪—ଥିତ ଅତ ପ୍ରଳୟ ଯାହା ଆଜ୍ଞାରୁ ହୋଇ ସେପ୍ରଭୁ ନ ରଖିଲେଠାରେ (ଖ) ।

ଦୟାସାଗର ବୋଲି   ଦମ୍ଭ ତେଜି ଭଜିଲି
ଅମ୍ବୁଜ-ଚରଣେ ଭ୍ରମର
ଦେଲେ ଯାର ବିରୁଧ—   ପତିପଦ ବିଶୁଦ୍ଧ
ମୋ କର୍ମେ ଦୟାହିଁ ଦୁସ୍ତର ହେ
ମହାପ୍ରଭୁ ।
ଦୀନବନ୍ଧୁ ନାମ ତୁମ୍ଭର
ତ୍ରିସପ୍ତ ଲୋକରେ ଯେ ସାର
ଦେଖୁ ଦେଖୁ ଦୁର୍ଗତି   ଦଣ୍ଡ ଦେଉଛ ଅତି
ଏ କୃପା ହୋଇବ କାହାର ହେ । ୧୮ ।

ଧରନ୍ତୁ ଏତେ ଦୁଃଖ   ମନେ ହେ ପଦ୍ମମୁଖ !
ଅଳସ୍ଥ ପଙ୍କରେ ପଶିଲେ
ଧର ଦାରୁଣ ମୂର୍ତ୍ତି   ହୋଇ ସକୋଧ ଅତି
ବିଷମ ବିଷାଦ ଗ୍ରାହିଲେ ହେ
ମହାପ୍ରଭୁ !
ଧରି ଯା ନାମ ହୃଦୟରେ
ଧ୍ରୁବ ପ୍ରହ୍ଲାଦ ନିସ୍ତରେ
ଧର ଏତେ ଭରସା   ପତିତ ପ୍ରତିଆଶା
କରୁଛ ରଜନୀବାସରେ ହେ । ୧୯ ।

୧୮-୭—ତ୍ରିସପ୍ତ ଲୋକରେ ହେ ସାର (ଢ) ।
୧୯-୨—ଧରି ଯାହା ନାମ ମନରେ (ଖ) ୧୯ —ଧ୍ରୁବ ପ୍ରହ୍ଲାଦ ନିସ୍ତରିଲେ (ଙ)
୧୯-୮—ଧରିଛି ଏତେଆଶା (ଢ)

କଗୂଢ଼ ସଙ୍କଟଙ୍କୁ   ପେଷ ସୁଦର୍ଶନକୁ
ଏବେ କ କାରଣେ ନ ପେଷ
କଷ୍ଟେଁ କରେଖ ନାଶ   ଗଲେ ହେ ହୃଷୀକେଶ !
ଏଥି କି ଅଛୁ ପଡ଼ୁଶେଷ ହେ
ମହାପ୍ରଭୁ !
କ ସହୁ ଆଉ କ ବିଳମ୍ବ
କସ୍ତାରଲ ନୃପକଦମ୍ବ
କଥନ ସମ୍ମୁରେ   କରେଖ କନଠାରେ
ଏବେ କ କାରଣେ ବିଳମ୍ବ ହେ । ୨୦ ।

ପରହର ସକଳ   ଅଘା ହେ ଅଦମୂଳ !
ପଶିଛୁ ଶରଣ ତୁମ୍ଭରେ
ପ୍ରଭୁ ଉ ଅବଗ୍ଭର   କର ଦେଉଛୁ ଘୋର
ପ୍ରଚୁର ସଙ୍କଟ ମୁଖରେ ହେ
ମହାପ୍ରଭୁ !
ପଗ୍ପର ତୁମ୍ଭର ନାହିଁ
ପରମଦୟାଳୁ ଗୋସାଇଁ
ପଚ୍ଛପଚ୍ଛ ହୋଇ   ପଚ୍ଛଚଳନାହିଁ
ଏଡ଼େ ନିର୍ଦ୍ଦୟ କାହିଁପାଇଁ ହେ । ୨୧ ।

୨୦-୩—ନିଟ୍ରେ ନିରଷ ନାଶ (ଖ) ।
୨୦-୭—ନିସ୍ତାରିଛ ନୃପ କଦମ୍ବ (ଖ)
୨୦-୮—ନିରଖ ଜନ ଠାରେ (ଖ) । ୨୧-୨—ପଶୁଛି ଶରଣ ତୁମ୍ଭରେ (ଖ) ।
୨୧-୪—ପଡ଼ଚ ସଙ୍କଟ ମୁଖରେ (ଖ) ।

ଫେଡ଼ି କହିବ କେତେ   ଭରସା ଅଛି ଯେତେ
ତୁମ୍ଭ ଶ୍ରୀଚରଣେ ମୋହୋର
ଘୃଣ୍ଣେନୀବରେକ୍ଷଣ !   ତାହା ତ ତୁମ୍ଭେ ଜାଣ
ଜାଣି କରୁଛ କପାଁ ଦୂର ହେ
ମହାପ୍ରଭୁ !
ଘଜା ମୁଁ କରଛି ତୁମ୍ଭଙ୍କୁ
ଘାଇ ଦୁସ୍ତରୁ ତରିବାକୁ
ଫଣୀ-ଶୟନ ଧାନ—   ବାନ୍ଧବ ହୋଇ ତନ୍ନ
କରୁଛି ନରେଶ ଜନକୁ ହେ । ୧୨ ।

ବନକ୍ର-କରେ ଯାନ—   ଚରଣ ବଲୋକନ
କର ପ୍ରମୋଦ ହୋଉଥାଇଁ
ବଷମ ସମସ୍ତରେ   ମୋହେ ପକ୍ଷପାତରେ
ପ୍ରତିକାର କରବାପାଇଁ ହେ
ମହାପ୍ରଭୁ !
ବିଷମ ସଙ୍କଟ ପଡ଼ନ୍ତି
ବାଲେ କ ଚକ୍ର ନ ଭେଦନ୍ତି
ବନାଶିବାରୁ ଗାଢ଼   ସଙ୍କଟମାନ ଦାଢ଼
ଚକ୍ର କ ବଙ୍କକୁ ଭଜନ୍ତି ହେ । ୧୩ ।

୧୨- - ୭ଯାଇ ସମାର (କ), ପାଦ ଦୁସ୍ତରୁ (ଖ)

୧୨-୯—ନ କର ନରେଶ ଜନକୁ (ଖ) । ୧୩-୨—ନମ ପକ୍ଷପାତରେ (କ) ।

୧୩-୪—ବେଳେ କ ଚକ୍ର (କ)

୧୩-୮—ବିପତ୍ତିମାନ ଦାଢ଼ ଚକ୍ର କ ବଙ୍କକୁ ଭଜନ୍ତି (ଖ) ।

ଭୂମିଭାର ହରଣେ   ପତିତ ନିସ୍ତାରଣେ
ଭକ୍ତଜନ ତାରିବା ପାଇଁ
ଧରିବେ ନୀଳକନ୍ଦରେ   ବନ୍ଦେ କରଛ କରେ
କମ୍ବୁଚକ୍ର-ଭୂଷିତ ହୋଇ ହେ
ମହାପ୍ରଭୁ !
ଭକ୍ତବତ୍ସଳ ତୁମ୍ଭ ବାନା
ଭବ-ଭୟକୁ ବଜ୍ରସେନା
ଭବ-ସାଗରେ ଯେବେ   ଭକ୍ତ ବୁଡ଼ିବ, ଏବେ
ସେ ଜନା ତୁମ୍ଭଙ୍କୁହିଁ ସିନା ହେ । ୨୪ ।

ମହାପ୍ରଭୁ ଅନ୍ତର   କଲେହେଁ ତ ମୋହୋର
ତୁମ୍ଭ ବିନା ଦୋସର ନାହିଁ
ମୃଗଧୃତ ଚକୋର   ଚାତକ ଜଳଧର,
ମୀନ ଜୀବନ ପ୍ରାପ୍ତେ ହୋଇ ହେ
ମହାପ୍ରଭୁ !
ମୋରେ ଯେବେ ଦୟା ନୋହିବ
ମୋ ଜୀବ କ୍ଷଣେ ନ ରହିବ
ମହତ କର କହୁ—   ଅଛୁ ହେ ପଦ୍ମାବାନ୍ଧୁ !
ସବୁର ସଂଶୟ ରହିବ ହେ । ୨୫ ।

ଯେ ନାମ ସୁମରଣେ   ମରଣ ଭୟ କ୍ଷଣେ
ନୋହେ ଦଣ୍ଡଧର ଦଣ୍ଡରୁ

୨୪-୧—ଭୂମିଭର ହରଣେ···ଭକ୍ତଙ୍କୁ ଉଦ୍ଧାରିବା ପାଇଁ (ଟ) । ୨୪-୩।୪—ନନ୍ଦସ୍ୱେ କରଉଛ କରେ ଚକ୍ରଭୂଷିତ (ଢ) ୨୫-୧—ଯେ ନାମ (ବ) ଯାହା ନାମ ସ୍ମରଣେ ମରଣ ଭୟ କ୍ଷଣେ (ଖ)

ଜଗତ ନିସ୍ତାରଣ ଥାଉ ଏତେ ଦାରୁଣ
ହୋଇଲ ବିପଦ-କାଣ୍ଡକୁ ହେ
ମହାପ୍ରଭୁ !
ଜୀବ ଯିବାର ବଡ଼ ସୁଖ
ଜୀଇବା ସମ ନାହିଁ ଦୁଖ
ଯାହା! ସାମନ୍ତ ଶ୍ରୀଶ— ବର୍ଗରେ ଅଧିକାରୀ
ତାର ସେବକର ଏ ଦୁଃଖ ହେ । ୧୬ ।

ଶ୍ରୀବିପଦ ଯାର କରେ ପାଷାଣ ନର
ଶୋକ କଳୁଷ ନିବାରଣ
ଭକ୍ତ ପ୍ରାଣେଶ୍ୱର ତାର ପରଶ୍ରୀର ହେବାର
ଏ ନିଜ ପ୍ରଭୁଙ୍କ ଦୂଷଣ ହେ
ମହାପ୍ରଭୁ !
ରମା ଯାହାର ପ୍ରେମବତୀ
ରସାଦ ତ୍ରୈଲୋକ୍ୟର ପତି
ଭିତଏ ତ ସୁନ୍ଦର ନୋହିଲ ଏ ଉତ୍ତର
ଏ ନିଜ ପ୍ରଭୁଙ୍କର ସ୍ତୁତି ହେ । ୧୭ ।

୧୬-୪—ଜୀଇବାଠାରୁ ନାହିଁ (ଗ) ।
୧୬-୮—ଯାହା ସାଧନ୍ତ (କ) ଶ୍ରିଦିବର୍ଗରେ ଅଧିକାରୀ (ଖ)
୧୭-୧—ପାଷାଣ ହୋଏ ନର (କ) ।

ଲଲାଟର ଲେଖନ   କେ କରି ପାରେ ଆନ
ଏମନ୍ତ ଅଜ୍ଞା ହେବ ଅବା
ନତ ତୁମ୍ଭଙ୍କୁ ପତି   କରି ହେ ରମାପତି !
କାହିଁ ଛପି ଅଦରବା ହେ
ମହାପ୍ରଭୁ !
ଲୀଳା ମାତ୍ରକେ ଏ ସଂସାର
ଲୂତାସୂତା ପ୍ରାୟେ ସହାର
ଲୋକ କର୍ମକୁ ଏନ୍ତୁ   କଥା ହେ ମହାବାହୁ
ଏମନ୍ତ ବଶ୍ୟର ମନର ହେ । ୧୮ ।

ବଚନ କହ ଗୁରୁ—   ପୁନ୍ନ ଶମନ ପୁରୁ
ଇଷିତ ମାତ୍ରକେ ଅଣିଲ
ବିଂଶକର ଅମର—   ବର କର ବଧୂର
ବନାଶି ବିଧିକ ଜଣିଲ ହେ
ମହାପ୍ରଭୁ !
ବିଷମ ସଙ୍କଟୁ ଉଦ୍ଧର
ଭବ ସଂସାରୁ କର ପାର
ବିଶେଷେ ବାଞ୍ଛାନିଧି   ବାଞ୍ଛା କର ପ୍ରସିଦ୍ଧି
ବୋଲି ବହୁତ ବାଞ୍ଛା ମୋର ହେ । ୧୯ ।

୧୮-୨—ଅଜ୍ଞା ଦେବ ଅବା (କ) । ୧୮-୩—ତୁମ୍ଭଙ୍କୁ ଗତି (ଖ) ।
୧୮-୮।୯—ଲୋକ କର୍ମେ କି ଚନ୍ଦ୍ର ଗଲେ ହେ ମହାବାହୁ କପା ଏ କଥା ନ ବଶ୍ୟର (ଖ) । ୧୯-୨ — ଇଷତ ମାତ୍ରକେ ଅଣିଲ (ଖ) । ୧୯-୭—ବନ ଖରିଣ ଦୂର (ଗ) ୧୯-୬—ପାରି କର(ଖ) ।
୧୯-୮—ବାଞ୍ଛାକର ପ୍ରସିଦ୍ଧି ବୋଲି (ଗ) ।

ଶେଷ ବିରଞ୍ଚି ଶିବ   ସୁର ଆଦି ବାସବ
ଶୁକ ଶନକ ସନାତନ
ସେବେ ଯେଉଁ ପଦ୍ମରେ   କୋଟି ଲକ୍ଷ ଅଂଶରେ
ମୁଁ ଦାସ ପଣେ କି ଭଜନ ହେ

ମହାପ୍ରଭୁ !

ସବୁ ଭରସା ଅଛି ଏଣୁ
ଶରଣ ନିସ୍ତାରଣ ଯେଣୁ
ଶୁଣିଅଛି ଆତୁର   କଥାଏ ତନ୍ତ୍ର କର
ସୁମେରୁ ସମ କର ରେଣୁ ହେ । ୩୦ ।

ଶୁଣି ତୁମ୍ଭ ଭରସା   ବିଶ୍ରାମ ନାମେ ଆଶା
ସେବୁଛି ତୁମ୍ଭ ଶ୍ରୀଚରଣେ
ସୁଖ-ସାଗର ହୋଇ   ଦୁଃଖ-ସାଗରେ ନେଇ
ମେଲି ଦେଉଛ କି କାରଣେ ହେ

ମହାପ୍ରଭୁ !

ସେବୁଛି ତୁମ୍ଭ ପାଦ ଦୁଇ
ଶୋକ-ସିନ୍ଧୁ ତରିବା ପାଇଁ
ଶିଷ୍ଟବତ୍ସଲାଞ୍ଛନ   କର ପ୍ରତିକାରଣ
କରୁଣା କଟାକ୍ଷେ ଅନାଇଁ ହେ । ୩୧ ।

୩୦-୩—ଯେଉଁ ପଦ୍ମରେ (ଝ)
୩୧-୮—ଶ୍ରୀବତ୍ସ ଲାଞ୍ଛନ (ଢ) ।

ସେବକ ଦୋଷ କର   ପ୍ରଭୁ କୋପକୁ ଡର
ଯେବେ ଭରସି ନ କହିବ
ଶୁଣ ମହିମାମେରୁ   ଏ ଦୁଃଖ-ଜଳଧିରୁ
କେମନ୍ତ ପ୍ରକାରେ ତରିବ ହେ
ମହାପ୍ରଭୁ !
ସର୍ବାଙ୍ଗ ପୁରୁଷ ଗୋସାଇଁ
ସକଳ ଜୀବ ହୃଦେ ଥାଇ
ସେବକ ଦୁଃଖ ଜାଣି   ଦୟା ନ କଲେ ପୁଣି
ଆଉ ଜାଣନ୍ତା ଅଛି କେହି ହେ । ୩୨ ।

ହୃଦରେ ଅଛି ମୋର   ଏହି ଭବସାଗର
ତରିବି ତୁମ୍ଭ ମହିମାରୁ
ହୋଉଅଛି ଅଣସ୍ୟେ   ଯେଣୁ ମୋର ବଶ୍ୟେ
ଅକରୁଣା ମହିମାମେରୁ ହେ
ମହାପ୍ରଭୁ !
ହୋଇଲା କର୍ମ ମୋ ବଇରି
ହୃଦୟ ନୋହିଲା ମୋହୋର
ହେଉ କର୍ମଜ ତୁମ୍ଭେ   ତେଣୁ କରୁଣ ଦମ୍ଭେ
ଗୁହାରି କଲି ଦଇତାରି ହେ । ୩୩ ।
କ୍ଷମାସାଗର ଏହି   କଥାକୁ ସିନା ମୁହିଁ
ଶ୍ରୀମୁଖରେ ଜଣାଉଛି ବାରେ

୩୨-୩—ସେ ଦୁଃଖ-ଜଳଧି (ଗ) । ୩୨-୭—ଅଛି କାହିଁ (ଙ)
୩୩-୧—ଏ ସଂସାର ସାଗର (ଙ)

କ୍ଷଣେହେଁ ଯହୁଁ ମନ   ନୋହିଲା ତୁମ୍ଭ ଧ୍ୟାନ
ଗୁଣଗାୟନମାନଙ୍କରେ ହେ
ମହାପ୍ରଭୁ !
କ୍ଷୋଭ ଯେବେ ମନେ ନୋହନ୍ତା
କ୍ଷଣେ କି ନାମକୁ ଛଡନ୍ତା
ଛର ଦୀନ ପାମର   କୃଷ୍ଣ କର୍ମାର ଛର
ଭବ-ସାଗରକୁ ତରନ୍ତା ହେ ।। ୩୪ ।

୩୪-୧—କ୍ଷମାସାଗର ବୋଲି କ୍ଷମରେ ସିନା ମୁହଁ ଜଣାଉଅଛି ଏଣୁ ବାରେ (ଖ)
୩୪-୨—କ୍ଷଣେହେଁ ମୋହ ମନ (କ)
୩୪-୮—ଛର ଦୀନ ପାମର କୃଷ୍ଣ କମାର ଏହି (ଢ)

ଘନଶ୍ୟାମ ଚଉତିଶା

ମଥୁରା ପ୍ରୟାଣ ନିମନ୍ତେ ରଥାରୂଢ଼ ଶ୍ରୀକୃଷ୍ଣଙ୍କ ଦର୍ଶନରେ ଭଗ୍ନହୃଦୟା ଲୋତକ-ଧୌତଲୋଚନା ଗୋପିକାଗଣଙ୍କ ଖେଦ ଏହି ଚଉତିଶାରେ ଶ୍ରୀକୃଷ୍ଣ ଅସାମାନ୍ୟ ଦକ୍ଷତା ସହ ଫୁଟାଇ ଅଛନ୍ତି । କମନୀୟ ଉପମା-ପୁଷ୍ପ-କିଳରେ ଅଳଙ୍କୃତ ହୋଇ ଏହି ଚଉତିଶାରୂପ କବିତା-ଲତିକାଟି ଅନାୟାସରେ ଜନମନ ହରଣ କରୁଅଛି । ଉତ୍କଳ ସାହିତ୍ୟର ଖେଦ-ଗର୍ଭ କବିତାମାନଙ୍କ ମଧ୍ୟରେ ଏ ଚଉତିଶାଟିର ସ୍ଥାନ ଯେ ଅତି ଉଚ୍ଚ କହିବା ବାହୁଲ୍ୟ ମାତ୍ର । ପରିତାପର ବିଷୟ ଏହା ଅଦ୍ୟାବଧି ଲୋକଲୋଚନର ଅନ୍ତରାଳରେ ଥିଲା ।

(ରାଗ—କାମୋଦୀ)

କୃଷ୍ଣ କଂସ ନଗର   ଯିବା ଦେଖି କାତର
ସକଳ ବ୍ରଜ ସୁନ୍ଦରୀ
କାକୁସ୍ଥ ହୋଇ ଧୀରେ   କର ନବେଣି ଶିରେ
କହନ୍ତି କୋମଳତା କରି ହେ
ଘନଶ୍ୟାମ !
କରୁଣା-କୃପଣ ହୋଉଛ
କଂସ-ଭୁବନକୁ ଯାଉଛ
କଇତବ ନ କର   କହ ଧର୍ମ ବିଗ୍ରହ
ଆମ୍ଭଙ୍କୁ କାହାକୁ ଦେଉଛ ହେ । ୧ ।

ଖଳ ରାହୁବଦନେ ଅମୃତ ଦେଲ ପ୍ରାନ୍ତେ
କାମମୁଖେ ଆମ୍ଭଙ୍କୁ ଦେଇ
ଖଣ୍ଡି ସମସ୍ତ ସୁଖ ମଣ୍ଡନ କରି ଦୁଖ
ସଜ ହୋଇଛ ଯିବା ପାଇଁ ହେ
ଘନଶ୍ୟାମ !

ଖାଇ ମରନ୍ତୁ ଅବା ବିଷ
ଖଣ୍ଡି ତ ଅଛି ତାହା ଦୋଷ
ଖୁଆଇ ସୁଧାକର ଅମୂଲ୍ୟ ମନୋହର
ରଙ୍ଗିମା ଅଧରୁ ପୀୟୂଷ ହେ । ୨ ।

ଗଳା ମର୍କତ ମାଳ ଗଳାରେ ଥାଇ ଯେବେ
ସର୍ପ ପାଲଟି ପ୍ରାଣ ନେବ
ଗଣ୍ଠି ସୁବର୍ଣ୍ଣ ଯେବେ ଆରକୁଟ ହୋଇବ
ତେବେ କେ କାହାଗେ କହିବ ? ହେ
ଘନଶ୍ୟାମ !

ଗାଢ଼ ସଙ୍କଟ-ମୁଖୁଁ ରଖି
ଗୋକୁଳ କରିଅଛ ସୁଖୀ
ଗୁରୁ କଣ୍ଠି ହୋଇଲ ଯାଗ ପଶୁ ପରିୟେ
ଅନ୍ତର୍ଦ୍ଦଶା ହିଁ ଦେଉଅଛି ହେ । ୩ ।

ଘଡ଼ିଏ ନ ଦେଖିଲେ ଘନଶ୍ୟାମ ବଦନ
ଘରହିଁ ହୋୟେ ବନପ୍ରାୟେ
ଘାରି ହୁଅଇ ଅଙ୍ଗ ଅନଙ୍ଗ ଭୁଜଙ୍ଗମ
ଘାଉଡ଼ି ଲାଗିବା ପରିୟେ ହେ

୪-୨—ଘଳ ଯେ ମଣୁ (ଚ)
୪-୪—ଘଳ ଘାଉ ଲାଗିଲା ପ୍ରାପ୍ୟେ (ଖ)

ଘନଶ୍ୟାମ !
ଘେନାଇ ନାହିଁ ମନେ ସୁଖ
ଘନ ଘନ ପଡ଼ଇ ଦୁଃଖ
ଘେନିଗଲେ ତୁମ୍ଭଙ୍କୁ   କଂସଦୂତ ଅମ୍ଭଙ୍କୁ
ଦଂଶଦୃତ କରିବ ପାଶ ହେ । ୪ ।

ଙଷ୍ଟେ ଜାଣିଲୁ ଅମ୍ଭେ   ଉପାଳ ପ୍ରାୟେ ତୁମ୍ଭେ
ଜଗତ ଜନ ମନ ତୋଷ
ନାନାରୂପେ ମଧୁର   ନୟନ-ପ୍ରିୟ-କର
ହୃଦରେ ଅତ୍ୟନ୍ତ କର୍କଶ
ଘନଶ୍ୟାମ !
ନାହିଁ ତୁମ୍ଭର ଦୟା ଲେଶେ
ନାଶୁଛ ଅମ୍ଭଙ୍କୁ କି ଦୋଷେ
ନୋହୁଁ ଅମ୍ଭେ ପୂତନା—   ପ୍ରାୟେ କୁଟିଳମନା
ସ୍ତନହିଁ ମଣ୍ଡି ନାହୁଁ ବଷେ ହେ । ୫ ।

ଚନ୍ଦ୍ରେ ଚକୋର ଜବ—   ଘନେ ଚାତକ ପ୍ରାୟେ
ତୁମ୍ଭ ବିନୁ ନ ଜାଣୁ କିଛି
ଚତ୍ରେ ଚତୋର ସବୁ—   ପ୍ରକାରେ ବଶ୍ୟରଲେ
ଏହି ଦୋଷକୁ ମାଡ ଅଛୁ ହେ
ଘନଶ୍ୟାମ !

୪-୧—ଦଂଶ ଦୃତ କରିବ (କ)
୫-୩—ନାନାରସେ (ଖ) ନୟନ ସୁଖକର (ଘ)

ଚଣ୍ଡାଳ ଦଇବ କଷଣ
ଚଉଦ ଲୋକର ଭୂଷଣ
ଚିନ୍ତାମଣିଙ୍କ ଦେଇ ଚିନ୍ତା ମନେ ଦେଉଛୁ
ଏ କଉଁ ଅବିବେକ ପଣ ହେ । ୬ ।

ଷଣ୍ଡି ଷଣ୍ଡିକ କଥା ପ୍ରସଙ୍ଗ ପ୍ରାୟେ ବ୍ୟଥା
ହୋଇଲା ଅମୃତ ଅଥୟେ
ଷୋଭ ସାଗରେ ମନ ପଡ଼ିଲେ ଚଇତନ
ମରିବାକୁ କରୁଛୁ ଭୟେ ନହେ
ଘନଶ୍ୟାମ !
ଛୁରି ମାରିଲା ପ୍ରାୟେ ଦେହ
ଷଣୀ ଷଣକେ ହୋୟେ ମୋହ
ଛାୟା-ପତିହିଁ ଥାଉଁ ଅନ୍ଧାର ହୋଉଅଛୁ
ଏ କଉଁ ବିପରୀତ କାହ ହେ । ୭ ।

ଯେଉଁ ଶ୍ୟାମ-ରତନ କରି ଅଛି ଯତନ
ରଖିଲୁ ହୃଦ ସଂପୁଟକେ
ଜାଣୁ ଜାଣୁ ଅକ୍ରୂର ନ୍ୟାମକୁ ବହି କ୍ରୂର
ପ୍ରାୟେ ତା ନେଉଛି ଛଟକେ ହେ
ଘନଶ୍ୟାମ !
ଯହିଁ ନୃପତି ଅବିବେକ
ଜାଣିଲୁ ସେ ନଗର ଲୋକ

୬-୭—ଷୋର ହୋଇ ହେଉଛ (ଝ)
୮-୯—ସ୍ୱାମୀ ରତନ (ଖ)

ଜୀବନ ଧନ ହୁଇ ଥିଲେହେଁ ସୁଖ ନାହିଁ
ମହା ଭୟରେ ଦହ ଦହ ହେ । ୮ ।

ଝାଡ଼େ ମଧୁ ମକ୍ଷିକା ମଧୁ ସଞ୍ଚଳା ପ୍ରାୟେ
ଯତନେ ତୁମ୍ଭଙ୍କୁ ସଞ୍ଚିଲୁ
ଝିମିଷ୍ଟହେଁ ନ ଖାଉ ମଧୁର ରସେ ବୃତ
ରଜନୀ ଦିନ ବାଞ୍ଛି ଥିଲୁ ହେ
ଘନଶ୍ୟାମ !
ଝାଡ଼-ବାସୀ ପରାୟେ ଆସି
ଝାମ୍ପି ଅକ୍ରୂର ଅଛି ବସି
ଝଟତି ନେଇଯିବ ଆମ୍ଭ ଭାଗରେ ହେବ
ଝସକେତୁ ଅନଳରାଶି ହେ । ୯ ।

ନାନା ଶ୍ରମେ କୃଷକ କୃଷି କରି ଅନେକ
ପ୍ରକାରେ କରିଥାଇ ଆଶ
ନୃପତି ଲୋକ ଆସି ଫଳ ମୁଖରେ ବସି
ସବୁ ଆଶ କରଇ ନାଶ ହେ
ଘନଶ୍ୟାମ !
ନରେଶ ବରଜ ଯୁବତୀ
ନଷ୍ଟେ ହୋଇଲୁ ସେହି ମତି
ଆଶା କରେ ଯେ ଯାହା ନାଶ କରେ ଯେ ତାହା
ଯାଏ ତା ସକଳ ସଂପତ୍ତି ହେ । ୧୦ ।

୯-୮ — ଝଟଟ ନେଇଯିବ (ଶ)
୧୦-୫ — ସବୁ ଅଶ (ଖ)

ଟିକାଏ ନ ଦେଖିଲେ ଟାଣ କୁସୁମ ଶରେ

ଶରୀରେ ପାଉଥାଉଁ ବ୍ୟଥା

ଟେକ ଯାଚକ ଅଗେ କୃପଣ ଲୋଭୀ ପ୍ରାୟେ

ମଥା ନ ଟେକି ଭଦ୍ର କଥା ହେ

ଘନଶ୍ୟାମ !

ଟଳି ସେନେହ ଗଲା କାହିଁ

ଟିକାଏଁ ଏବେ ଦୟା ନାହିଁ

ଟେକ କରୁଣା-ବୃକ୍ଷେ ନିରାଶ ଫଳାଇଲ

ବିଧାତାବଡ଼ପଣ ଏହୁ ହେ । ୧୧ ।

ଠାବ ନ କର ଥିଲୁ ଏବେ ସେ ଠାବ କଲୁ

ଠାକୁର ମାନଙ୍କରଖାଇ

ଠାଠିକ କର ଯେତେ ଯେତେ କହନ୍ତି ତେତେ

ରଷା ତ ନ ଜାନନ୍ତି ଜାଇ ହେ

ଘନଶ୍ୟାମ !

ଠାଠିକ ଭାଗ୍ୟ ଆମ୍ଭ ଯେତେ

ଠିକ ଅଭାଗ୍ୟ ପୁଣି ତେତେ

ଠୂଳ ନିଧିଙ୍କି ଦେଇ ଯେଣା ଯାଉଛୁ ବାହୁ

ଆଉ କହିବୁ ଅବା କେତେ ହେ । ୧୨ ।

ଡୋଳେ ଦେଖି ଶ୍ରବଣେ ଶୁଣିବା ଯେତୁ ସୁଖ

କାଳେ ହୁଅଇ ଦୁଃଖକର

ଡାକ ବନ୍ଧୁକୁ ତୁମ୍ଭ- ଦର୍ଶନ ବଂଶୀ ଧ୍ୱନି

ଯେଣୁ ଆମ୍ଭର ଏତେ ଦୂର ହେ

ଘନଶ୍ୟାମ !
ଢକାଇବର 'ତୁମ୍ଭେ ଗୁରୁ
ଡକା କରୁଛୁ କଂସ ଦ୍ୱାରୁ
ଡକାଇତରେ ପଡ଼ି ଗଲେ ଡକା କ ନୋହେ
ଡକାଇତରେ ଆଡ଼ କରୁ ହେ । ୧୩ ।

ଢାଳେ ତୁମ୍ଭ ମୂରତି ମଧୁର ବଂଶୀଗୀତ
ଦେଖି ଯା ଶ୍ରବଣେ ଶୁଣିଲୁ
ଢମ ନୋହେ ଧରଣୀ- ପ୍ରାୟେ ଗୋପ-ତରୁଣୀ
ମଦନ-କୋପରେ ପଡ଼ିଲୁ ହେ
ଘନଶ୍ୟାମ !
ଢଳ ନ ଯାଇ ଥିଲା ଜୀବ
ଢାଳେ ସେ କଥା ଯେବେ ହେବ
ଢଳଲ୍ଖି କମଳ ଦଳଗତ କମଳ
ଯତ୍ନେ ଏବେ ତୁମ୍ଭ ଭାବ ହେ । ୧୪ ।

ଅହେ ଶ୍ୟାମ ସୁନ୍ଦର ବୃନ୍ଦାବନର ଚନ୍ଦ୍ର
ଅବଳ ଜନ ପରିତ୍ରାଣ
ଅନାଥ ଗୋପୀ ନାଥ କର ତୁମ୍ଭଙ୍କୁ ପାଇ
ଯେବେ ହୋଇଛୁ ଅକାରଣ ହେ
ଘନଶ୍ୟାମ !
ଅଭ୍ର କ କହିବୁ ବଚର
ଯେମନ୍ତ ଅଭାଗ୍ୟ ଅମ୍ଭର

ଅଙ୍ଗ ବସନ ଅଣି— ବିଷ ହୋଇଲା ଯେବେ
ତାହାଙ୍କ ମନ୍ତ୍ର ଉପଶ୍ଚର ହେ । ୧୫ ।

ତୁମ୍ଭ ପ୍ରଭୁପଣକୁ ତୁମ୍ଭେହେଁ ପଠାନ୍ତର
ତୁମ୍ଭର ଅବା କଉଁ ଦୋଷ
ତଥାପିହୁଁ ପଳାଡ଼ କର୍ପୂର ଲେମ୍ବୁ ଯୋଗୁ
ପ୍ରତ୍ୟକ୍ଷେ ହୋଇଅଛି ବିଷ ହେ
ଘନଶ୍ୟାମ !
ତୁମ୍ଭେ ତ ଜାଣ ସବୁଗତ
ତାହାଙ୍କ ଅମୃତ ଯୁଗତ
ତୁମ୍ଭ ଆମ୍ଭ ପୀରତି— କ୍ଷୀରନୀରକୁ ପ୍ରତି
ଅନ୍ତର କରଣ ହଂସ ମୂର୍ତ୍ତି ହେ । ୧୬ ।

ସ୍ଥାପନ କର ବିଷ— ବୃକ୍ଷ ନ କର ନାଶ
ଯେମନ୍ତ ବୋଲନ୍ତି ସଂସାରେ
ଥୋଇଛି ଯେତେକ ରୂପେ ଯତ୍ନ ତୁମ୍ଭେ ସ୍ୱେ ଗୋପେ
ଚନ୍ଦ୍ରମା ଯେମନ୍ତେ କଣାରେ ହେ
ଘନଶ୍ୟାମ !
ଥିଲେ କ ହେବ ପ୍ରଭୁପଣ
ଥାଇ ଯେବେ ସମସ୍ତ ଗୁଣ
ସ୍ଥିର ବିବେକ କ୍ଷମା ଦୟା ଧର୍ମ ଗାରିମା
ଦାନ ଏ ଉତ୍ତମ ଲକ୍ଷଣ ହେ । ୧୭ ।

ଦେଖ ଯଉଁ ସଭାରେ ଭଲଲୋକ ବେଭାରେ
ନାମ ଅକ୍ଷର ଖଲବୁଦ୍ଧି
ଦୁଃଖଦେଲେ କେବଳ ନାମ ହେବ ମଙ୍ଗଳ
ଶୁଦ୍ଧ ନାମ ତ ପରସିଦ୍ଧି ହେ
ଘନଶ୍ୟାମ !
ଦୁଷ୍ଟଙ୍କୁ କିପାଁ ଏଥି ବାଞ୍ଛା
ଦୂରୁ ସେ ନାମରୁ ପ୍ରତ୍ୟକ୍ଷ
ଦେଖିବାକୁ ସ୍ଥିର ସେ ଚନ୍ଦ୍ର ସୂର୍ଯ୍ୟ ପରାୟେ
ଗଡାଗଡରେ ତାଙ୍କୁ ଲକ୍ଷ୍ୟ ହେ । ୧୮ ।

ଧର ତୁମ୍ଭ ଚରଣ କହୁଛୁ ଅହେ ପ୍ରାଣ—
ବନ୍ଧୁ ଆମ୍ଭ ବଚନ ଶୁଣ
ଧନୁ ଯାତ୍ରା କପଟେ ଧରାଇ ନେଉଅଛୁ
ଧ୍ରୁବ କର ସ୍ନେ କଥା ଜାଣ ହେ
ଘନଶ୍ୟାମ !
ଧ୍ୟାତା ସହ୍ନଲ ସତ୍ପଣ
ଧାର୍ମିକ ବିବେକ ଲକ୍ଷଣ
ଧର୍ମିହିଁ କର୍ମ ଅନ୍ନ— ରୂପେ ହୋଏ ପ୍ରସନ୍ନ
ଧଇର୍ଯ୍ୟନାଥ ତୁମ୍ଭେ ଜାଣ ହେ । ୧୯ ।

ନଷ୍ଟେ ଦଇବ ପ୍ରଭୁ— କୂଳ ହୋଇଲେ ମଛ
ଅନାଇ ନୁଅଇ ପ୍ରମାଣ

୧୮-୮—ଦୂରଙ୍ଗଁ ସ୍ତିଭ ଧ୍ୟେପେ (ଖ)

ନନ୍ଦଯଶୋଦା ଲେଶେ   ନ ଛାଡ଼ନ୍ତି ଏବେ ସେ
ହୃଦକୁ କଲେ ତ ପାଷାଣ ହେ
ଘନଶ୍ୟାମ !
ନିଆଁରେ ଘୃତ ଦେଲା ପ୍ରାୟେ
ନିରନ୍ତରେ ଜଳୁଛି କାୟେ
ନିଶ୍ଚୟେ ଇଚ୍ଛା-ପ୍ରାଣ   ହୋଇଥିଲେ ପ୍ରମାଣ
ନ ଥାନ୍ତା ଏତେବେଳ ଯାଏ ହେ । ୨୦ ।
ପୂତନା ଅଘା ବକା   କେଶୀ ଆଦି ଧେନୁକା
ଷଣ୍ଢା ଶକଟା ତୃଣାସୁର
ପ୍ରାଣେ ଏହାଙ୍କୁ ମାରି   ପ୍ରାଣକୁ ରକ୍ଷା କରି
ଆମ୍ଭଙ୍କୁ କର ପ୍ରତୀକାର ହେ
ଘନଶ୍ୟାମ !
ପ୍ରବଳ ଦାବାନଳ-ଜ୍ୱାଳ
ପ୍ରତାପୀ ପୁରନ୍ଦର ଧାଡ଼ି
ପ୍ରତେ ହୋଉଛି ଏବେ   ସମସ୍ତେ ଏକ ହୋଇ
ବାହୁଡ଼ି ଆସୁଛନ୍ତି ମାଡ଼ି ହେ । ୨୧ ।
ଫୁଲ୍ଲାରବିନ୍ଦ ମୁଖ   ଦେଖୁଥିବାର ସୁଖ
ଦୁଃଖ କେ କରିବାକୁ ନାହିଁ
ଫୁଲଧନୁରେ ଫୁଲ—   ଶର ବସାଇ ଫୁଲ—
ଧନୁ କି ଅଛି ବାଛି ମୁହିଁ ହେ
ଘନଶ୍ୟାମ !
ଫୁଲ ହେଉଛି ମନେ ଯାହା
ଫେଡ଼ି କହିବୁ କେତେ ତାହା

ଫାଇ କାଳେ ତୁମ୍ଭଙ୍କୁ ଅନ୍ବେଷ କରୁ ବୋଲି
ଦେଉଥିଲୁଁ ଅତି ଉତ୍ସାହା ହେ । ୧୨ ।

ବୃନ୍ଦାବନରେ ଥିଲେ ବିକଳ ହୋଉଥାଉଁ
ଯୁଗ ସମାନ ମଣୁ ଦିନ
ବିଧାତା ବିଶ୍ୱରହିଁ କି ସୃଷ୍ଟିଅଛୁ ତାହା
କହିବାକୁ ବସିଛୁ ଭିନ୍ନ ହେ
ଘନଶ୍ୟାମ !
ବିହ୍ୱଳ ବୋଲିବା ବ୍ୟର୍ଥ
ବିଶ୍ୱରେ ତୁମ୍ଭେ ସବୁ ଅର୍ଥ
ବତ୍ସ ବାଳକ ହରି— ନେବା କାଳରେ ତାହା
ସଙ୍ଗେ କି ନ କଲ ଅନର୍ଥ ହେ । ୧୩

ଭ୍ରମର ଫୁଲେ ବସି ବିହରୁଥିଲେ ହସି
କରୁ ଯେ ଥାଉଁ ଉପହାସ
ଭଲ୍ଲ ଭଲ୍ଲ ପୀରତି ଦଣ୍ଡକେ ଅନ ଖୋଜି
ଭଲ୍ଲ ଅମ୍ବର ପୀତବାସ ହେ
ଘନଶ୍ୟାମ !
ଭାଙ୍ଗିଲା ସେ ଗରବ ଏବେ
ଭଗାଶ୍ରି ପ୍ରାୟେ ସେ ହସିବେ
ଭାବଗ୍ରାହୀ ହୋଇ ଯେ ଅଭାବେ ବଞ୍ଚିଅଛ
ଜଗତେ କି ବୋଲି ବୋଲିବେ ହେ । ୧୪ ।

ମହା ଅନ୍ଧାର ଲୋକେ ମହତ ହସ୍ତୀମାନେ
ମହତ ଟୋପରେ ପଡ଼ନ୍ତି

ମହାତୃଷା ଆଗତେ   ମୃଗମାନେହେଁ ମୃଗ—
ତୃଷ୍ଣାରେ ଜୀବନ ଛାଡ଼ନ୍ତି ହେ
ଘନଶ୍ୟାମ !
ମହାପଣ୍ଡିତ ଗୁଣ ଥିଲେ
ମାୟାରେ ଭ୍ରମହୋଇ ଭଲେ
ମହା ଆଶାରେ ମହା—   ଦୁଃଖ ଭୋଗ କରନ୍ତି
ମହା ମୂର୍ଖ କୃପଣ ବୋଲେ ହେ । ୧୫ ।

ଜନ୍ମ କାଳରୁ ଯେତେ   ଯେତେ ଦୁଷ୍ଟ ଗୁପତେ
ଅଇଲେ ତାହାଙ୍କୁ ମାଇଲ
ଜଗତ-ଯନ୍ତ୍ରକାର   ହୋଇ ଏବେ ଅକ୍ରୂର
କର-ଯନ୍ତ୍ରପ୍ରତିମା ହେଲ ହେ
ଘନଶ୍ୟାମ !
ଯେମନ୍ତ ସୂତ୍ରଧାର ବୋଲେ
ଯବନିକା ଅନ୍ତରେ ଥିଲେ
ଯବନୀରୁ ବାହାର   ହୁଅଇ ନଟବର
ସେ ରୂପେ ତୁମ୍ଭଙ୍କୁ ସ୍ନେହ କଲେ ହେ । ୧୬ ।

ରାଜାମାନେ ହାସରେ   ମାତଙ୍ଗ ପରଶରେ
ସର୍ପ ଆଘ୍ରାଣରେ ନାଶନ୍ତି
ରବି ଅଗ୍ନି ବଷରୁ   ତୃଷାରେ ମହାପୁରୁ (୧)
ମୁଖେ ଯା ସ୍ମୃତରେ ଭଷନ୍ତି ହେ
ଘନଶ୍ୟାମ !

୧୫-୯—ମହାନ ପଣ ହୋଇ (ଶ)

ରଙ୍ଗ ସଭାକୁ ଯାହା ରୁଚି
ରଥରେ ଯାଉଅଛ ବସି
ରଙ୍ଗ-ରାଜୀବ କରେ ଧେନ ଅଧିପଦରେ
ଆମ୍ଭର ଗଲେ ଦଅ ଘଷିଦେ । ୧୭ ।

ଲାବଣ୍ୟ ନିଧି ହସି ରଥୁଁ ଓହ୍ଲାଇ ଆସି
ବୋଲନ୍ତି ଅଗୋ ଗୋପୀମାନେ !
ଲକ୍ଷ୍ୟ ନାହିଁ ତୁମ୍ଭଙ୍କୁ ଯେତେତରୂପେ ଆମ୍ଭଙ୍କୁ
ଭଜିଲ ଅତହିଁ ଯତନେ ଗୋ
ଗୋପୀମାନେ !
ଲୀଳାରେ ଯେ ଯାହାକୁ ଭଣେ
ଲୋଭ ତା ଠାରେ ଅନୁକ୍ଷଣେ
ଲକ୍ଷେ କୋଶରେ ଥିଲେ ସେହି ତାହାର ଭଲେ
କେବଳ ରାଜା ଆଜ୍ଞା ଏଣେ ଗୋ । ୧୮ ।

ବେଭାରେ ତ ତୁମ୍ଭର ଗୁଣେ ମନ ଆମ୍ଭର
ଭାବରେ ବନ୍ଧନ ହୋଇଛି
ବଡ଼ କରଣ ଯେତେ ମନରେ ଧେନଥିବ
ତେତେତେହିଁ ତୁମ୍ଭ ପାଶେ ଅଛୁ ଗୋ
ଗୋପୀମାନେ !
ବଗ୍ରର କର ଏହା ମନେ
ବଦେଶ କରଥିଲେ ଜନେ
ବଢାଇ ଯେ ଯାହାର କାର୍ଯ୍ୟ ପୁଣି ଦୋସର
ପ୍ରବେଶ ହୋଅନ୍ତେ ସଦନେ ଗୋ । ୧୯ ।

ସଂସାରେ ଏହି ମତ   ଦୁଃଖ ସୁଖ ସଂପଦ୍ଧି
ଚିର ହୋଇ ନ ରହେ କେହି
ଶୁଭ ଅଶୁଭ ଯୋଗ   ଲାଭ ହାନି ଅଯୋଗ
ଶରୀର ହେଲେ ସବୁ ବହି ଗୋ
ଗୋପୀମାନେ !
ସମସ୍ତ ହୋଇ ଜୀବ ଥିଲେ
ସବୁ ସରଇ ଜୀବ ଗଲେ
ସଂଶୟମନା ନୋହି   ଆନନ୍ଦେ ଥିବ ରହି
ଅଧିକ କି ହେବ କହିଲେ ଗୋ । ୩୦ ।

ଶୁଣିଥିବ ସମସ୍ତେ   ଯେତେବେଳେ ଶ୍ରୀହସ୍ତେ
ଲେଖିଅଛନ୍ତି ଭୋଜପତ୍ର
ସହଜେ ରାଜା ଆଜ୍ଞା   କର ନୋହେ ଅବଜ୍ଞା
କଲେ ରହି ନ ପାରୁଁ ସ୍ଥିତ ଗୋ
ଗୋପୀମାନେ !
ସେ ଯେଉଁ ଶ୍ରୀକର ସନ୍ତକ
ସାକ୍ଷାତ ହୁଅଇ ଅନ୍ତକ
ସମ୍ଭାବନା କଲେ ସେ   ସକଳ ଦୁଃଖ ନାଶେ
ସୁଖହିଁ ଦିଅଇ ଅନେକ ଗୋ । ୩୧ ।

ସନ୍ତୋଷ ହୋଇ ଏବେ   ବୋଲିବ ଯେବେ ତେବେ
ରାଜାଙ୍କୁ ଦର୍ଶନ କରିବୁ
ଶୁଭେ ଧନୁ ଉତ୍ସବ—   ଯାହା ବଢ଼ାଇ କଂସ
ସବୁର ସନ୍ତାପ ହରିବୁ ଗୋ

ଗୋପୀମାନେ !
ସ୍ନେହ ଆମ୍ଭଙ୍କୁ କରିଥିବ
ଫଟିକ ପରିଯ୍ୟେ ନୋହିବ
ସେ ଯେମନ୍ତ ପାଖରେ   ଥିଲେ ସ୍ୱଇଚ୍ଛ ଯରେ
ଅନ୍ତର ହେଲେ ଆନ ଭାବ ଗୋ । ୩୨ ।
ହରଷ ଶୋକ ଭରେ   ଏକ ଗୋପୀସ୍ତ୍ରୀ ଧୀରେ
ବୋଇଲା ଅହେ ବ୍ରଜରାଏ
ହୃଦ ଭିତରେ ଅମ୍ଭେ   ତୁମ୍ଭଙ୍କୁ ଦେନଅଛୁଁ
ଜଳରେ କମଳ ପରାଏ ହେ
ଘନଶ୍ୟାମ !
ହରଷରେ ବଚନ କହ
ହୃଦୟରେ କପଟ ବହ
ହରିଲ ଆମ୍ଭ ଚିତ୍ତ   ଧନ୍ୟ ଲୋକେ ମୋହିତ
ତୁମ୍ଭର ଚରିତ୍ର ସବୁ ଏହି ହେ । ୩୩ ।
କ୍ଷମା ସାଗର ଯୋଭ   ଛଡ଼ାଇ ଅଂଶା ଲୋଭ
ଦେଖାଇ ଗୋପୀଙ୍କି ମୋହିଲେ
କ୍ଷଣକେ ରଥେ ବସି   ଅକ୍ରୂର ମନ ତୋଷି
ମଥୁରାକୁ ବିଜୟ କଲେ ସେ
ଘନଶ୍ୟାମ !
କ୍ଷପାକର ବଦନ ଦେଖି
କ୍ଷଣକେ ହେଲେ ଜନେ ସୁଖୀ
ଛଛନେ ଧାନକୃଷ୍ଣ   ବୋଲେ ତାଙ୍କ ନନ୍ଦନ
ନନ୍ଦନ କର ଦିନା ଲେଖି ହେ । ୩୪ ।

—o—

ଗୁଣ୍ଡିଚା ଭାବନା ଚଉତିଶା

ବୋଧହୁଏ ପୁରୀରୁ ବହୁଦୂରରେ ନିର୍ବାସିତ ହୋଇଥିବା ସମୟରେ ଏହି ଭକ୍ତ ଓ ଶ୍ରୀଗୁଣ୍ଡିଚା ଦର୍ଶନ ଅଭାବରେ ଅପୂର୍ବ ଦେବ ଶ୍ରୀ ଜଗନ୍ନାଥଙ୍କ ବିରହରେ କାତର ହୋଇ ନୀଳଚକ୍ର ଅବ ସ୍ମରଣ ଚଉତିଶା ଓ ଗୁଣ୍ଡିଚା ଭାବନା ଚଉତିଶା ଲେଖିଥିଲେ । ଏ ଦୁଇଟି-ଯାକ ଚଉତିଶାକୁ ଏକ ସଙ୍ଗରେ ପଢ଼ିଲେ ଭକ୍ତର ଭଗବାନଙ୍କ ଅଭାବରେ ଘୋର ବେଦନା—ଭଗ୍ନ ହୃଦୟ-ଅନ୍ତରାଳ ତାହାର ସମ୍ୟକ୍ ଧାରଣା ହୋଇଥାଏ । ଏ ଚଉତିଶା ମଧ୍ୟର ଭାଷାର ଏପରି ଗୋଟାଏ ଏକନିଷ୍ଠ ପ୍ରୀତିଗାଥା ଅଛି ଯାହାକୁ ଦେଖିଲେ ଦୀନକୃଷ୍ଣଙ୍କ ଭାଷାରେ "ଘୋର ବରଷା ବଢ଼ି ନଦୀ ସମୁଦ୍ର ମିଳିଲା"—ଭାବର ଜଳ-ବେଗ ମନେ ପଡ଼ିଯାଏ ।

ରାଗ—ସିନ୍ଧୁଡ଼ା

ଜୟ ଜୟ ଅହେ ସଙ୍ଗାତ ସତେକେଁ ଜୀବନରେ ଅମ୍ଭେ ଥିବା
କୋଟି ବ୍ରହ୍ମାଣ୍ଡନାଥର ଶ୍ରୀଗୁଣ୍ଡିଚା ଯାତ୍ରା ଉତ୍ସବ ଦେଖିବା ଯେ
କୃପା କରିବେ ସତେ
କାମପାଳ ସୁଭଦ୍ରା ସହିତେ ସେ । କରିଥିବଁ ଭାଗ୍ୟ ଅମ୍ଭେ ଏତେ ସେ
କଥା ହୋଇଛି କି ମନେ ପ୍ରତେ ସେ । ୧ ।

ଖେଳନ୍ତି କେଶରୀ ପ୍ରାୟେ ନୀଳଗିରି—ଶିଖୁଁ ପଡ଼ୁଥିବେ ଖସି
ଖଣ୍ଟାଙ୍ଗ-ଧର କରିବେ ସେହୁ କାଳେ ଦେଖିବା ସେ ସୁଖରାଶି ସେ
ଘଣ ଘଣିକ ଲୀଳା
ଖେଦ ସାଗର ଦଣ୍ଡିବା ବେଳା ସେ । ଖର ପାତକ ତିମିର ହୁଲା ସେ
ଖଣ୍ଡେ ଅଶେଷ ସନ୍ତାପ ଜାଳା ସେ । ୨ ।

ଗଙ୍ଗା ଯମୁନା ସରସ୍ୱତୀ ପରାୟେ ଛନଗଡ ସ୍ୟେକା ଲଗେ
ଗଜପତି ପଟୋଆର କରୁଥିବେ ଭଗୀରଥ ପ୍ରାୟେ ଅଗେ ସେ
ଗଦ୍ଦ ଗଦ୍ଦ ଗଦ୍ଦଲ
ଗୀତ ବାଦ୍ୟ ନାଦଙ୍କ ପ୍ରବଳ ସେ । ଗର୍ଜୁଥିବ ସମୁଦ୍ର ଚହଳ ସେ
ଗଲେ ହିନା ଦେଖିବା ସେ କାଳ ସେ । ୩ ।

ଘୋର ବରଷା ବଢ଼ି ନଦୀ ସମୁଦ୍ର ମିଶିଲା ପରାଏ ହୋଇ
ଘନ ଘନ ହରି ଧ୍ୱନି କି ବିସ୍ତାରି ପଶୁଥିବେ ଲୋକେ ଯାଇଁ ସେ
ଘନଶ୍ୟାମସୁନ୍ଦର
ଘେନି ଚତୁର୍ବର୍ଗ ସଙ୍ଗତର ସେ । ଘନଘନ କରାଇବା ଜୁର ଯେ ।
ଘେନ ଘୋଟିଥିବେ ସୁଜନର ସେ । ୪ ।

ନୀଚ ଉଚ୍ଚ ନାନା ସ୍ଥାନରେ ଯେମନ୍ତ ଚନ୍ଦ୍ର କିରଣ ସମାନ
ନୀଳାଦ୍ରିଚନ୍ଦ୍ରମା ଦାନ ସେହିମତ ସେହିରୂପେ ଅବଧାନ ସେ
ନୋହିଲେ କି ଈଶ୍ୱର
ନବଯଷ୍ଟିଲୋକେ ଅଲଙ୍କାର ସେ । ନାନା ଜୀବ ଯହିଁ ଏକାକାର ସେ
ନାହିଁ ନାହିଁ ସେ ଆଉ ଦୋସର ସେ । ୫ ।

ଚତୁର୍ଦ୍ଦଶଲୋକ ନୟନ ସଞ୍ଚିତ ଚନ୍ଦା ସମାରେ ବିଜୟେ
ଚିହ୍ନି ଚିହ୍ନି ପ୍ରଭୁ ଅଙ୍ଗକୁ କରଇ କଦମ୍ବ କୁସୁମ ପ୍ରାୟେ ସେ
ଚିତ୍ତ—ଚକୋର ଚନ୍ଦ୍ର
ଚନ୍ଦ୍ରାପଦ୍ମବନ ଗଜଇନ୍ଦ୍ର ସେ । ଚରାଚର ପାଳିବାରେ ଇନ୍ଦ୍ର ସେ
ଚନ୍ଦ୍ରାମଣି-ପର୍ବତ-ଧାରୀନ୍ଦ୍ର ସେ । ୬ ।

ଛୀର ସମୁଦ୍ର ଉଚ୍ଛୁଳିଲା ପ୍ରାୟେ ସେ ଛତ୍ର ଚାମର ଦିଶିବା
ଛୁଞ୍ଚ ଖଣ୍ଡାଧର ଖଟଣୀସାମନ୍ତେ ଅଭୟେ ପାଶେ ମିଶିବା ସେ
ଛତ୍ରବର ଗହଣ
ଛାଡ଼ ଦେବୀ ଶିର ଆଭରଣ ସେ । ଛେଉ ଜଳନିଧି ଉଦ୍ଧାରଣ ସେ
ଛାଡ଼େ ଭାବିଲେ ଭବ କଷଣ ସେ । ୭ ।

ଯମୁନାକୂଳେ ଫୁଟିଲା ପଦ୍ମଫୁଲ ପ୍ରାୟେ ସେ ବିସ୍ତାର ଆଖି
ଯେମନ୍ତ ସୁନ୍ଦର କଳା ଶ୍ରୀମୁଖକୁ ନେଇହିଁ ତହିଁକି ସାକ୍ଷୀ ସେ
ଯାଉଁ ଭାବେ ଭଲିବା

ଯଉଁ ରୂପେ ଦୁଃଖକୁ ଦଳିବା ସେ । ଯେଉଁ ପ୍ରକାରେ ସୁଖ ପାଳିବା ସେ
ଜାଣି ନୋହଇ ତାହା କଳିବା ସେ । ୮ ।

ଝଟକ ବିଜୁଳି ପ୍ରାୟେ ଅଙ୍ଗ ଚାଳି ବାରସୁନ୍ଦରୀଙ୍କ ନାଟ
ଝଲ ଝଲ ଧୂଳି ବୃଷ୍ଟି ନିରନ୍ତରେ ଅଗୁରୁ ଧୂପ ଚହଟ ସେ
ଝଲ କଂସାଳ ତାଳ
ଝମ ଝମ ଝଞ୍ଜାଲି ମର୍ଦ୍ଦଳ ସେ । ଝଳ ବାଜିବା ନାଦ ପ୍ରବଳ ସେ
ଝାମ୍ପିଥିବ ଗଗନ ମଣ୍ଡଳ ସେ । ୯ ।

ନିବିଡ଼ ଅନ୍ଧାରେ ପଡ଼ିଲେ ଯେମନ୍ତ ଅନ୍ଧାରୁ ଆନ ନ ଦିଶେ
ନବଘନଶ୍ୟାମ ସୁନ୍ଦର ଶ୍ରୀମୁଖ ଦର୍ଶନହିଁ ସେହି ଆଶେ ସେ
ନାନା ଦେଶ ନୃପତି
ନାନା ସଜହିଁ ଯୁବାଯୁବତୀ ସେ । ନିରନ୍ତରେ ପୂରୁଥିବେ ତ୍ରିତସେ
ନେତ୍ର ଦେଖଇ ସେହି ମୂରତିସେ । ୧୦ ।

ଟଳିବ ସତେଟେହିଁ ଦୁର୍ଦ୍ଦଶା ଆମ୍ଭର ଦେଖିବା ଯାଇ ସେ ସଜ
ଟେକ ଖୋସିଥିବେ ଦୂବାବଳି ଶିରେ ଦେବାଧିଙ୍କ ଦେବରାଜ ସେ
ଟେକ ନେତ୍ର ଗୃହାଣୀ
ଟେକ ଶ୍ରୀକର ବଇଠି ଠାଣି ସେ । ଟୋକାଟିଙ୍କ ଓଲଣି ଉଠାଣି ସେ
ଟାକ ଦେଖନ୍ତି ସୁକୃତି ପ୍ରାଣୀ ସେ । ୧୧ ।

ଠାକୁର ପଣ ମହିମା କି କହିବ ଚନ୍ଦନ୍ଦୁଁ ଶୀତଳ ହୁଅ
ଠାଠିକ କର ସବୁର ମନ ଜାଣେ କେତେହିଁ କରନ୍ତି ଦୟା ସେ
ଠେଲ୍ଲ ଠେଲିରେ ପଶି
ଠାବେ ଠାବେ ପାରୁଶରେ ମିଶିସେ । ଠିକେ ଜଣାଇ ଯେତେ ଉରସି ସେ
ଠିକେ ଶୁଣନ୍ତି କର୍ଣ୍ଣ ନବେଶି ସେ । ୧୨ ।

ତରନ୍ତି ଯାହାର ସ୍ତମ୍ଭ ଜଣାଣନ୍ତି ବ୍ରହ୍ମାଦି ଦେବ ଗଣଙ୍କରେ
ଡାକନ୍ତି ତାହାଙ୍କୁ ଏକମୁଖ ହୋଇ ଦୀନ ପାପୀ ଜନଙ୍କରେ ସେ
ଡାକ ଶୁଣନ୍ତି ରହି
ଡାକିବାକୁ ଭୟେ ତହିଁ ନାହିଁ ସେ । ତୋଳେ ଦେଖିଲାତ ଅଛି ତାହିଁ ସେ
ଡାକିଲେଟି ରଥେ ଥାନ୍ତି ବାହି ସେ । ୧୩ ।

ଢଳ ଢଳ ଚନ୍ଦ୍ରମଣ୍ଡଳ ଧବଳ ମେଘ ପ୍ରକାଶିଲା ପ୍ରାୟେ
ଢଳ ତୋରଣାଦ୍ୱାରେ ହଲି ଦିଶନ୍ତେ ଦିଶେ ସବୁ ଝଲମଧ୍ୟେ ସେ
ଢଳ ବିଜେ କରିବା
ଢାଳେ ସତେହେଁ ଦେଖିପାରିବା ସେ । ତମେ ଅମୃତ ପାନ କରିବା ସେ
ଢଗପସରା ପଇତହରିବା ସେ । ୧୪ ।

ଉତ୍ତମ ରଥ ଗଜ ଅଶ୍ୱ ଉତ୍ତମ ସ୍ତ୍ରିଶ୍ରୀ ଚହି ଲକ୍ଷ୍ମୀ ପ୍ରଭା
ଆଦ୍ୟା ସେ କ୍ଷୀର ସମୁଦ୍ରରୁ ଜନ୍ମିଲା ପ୍ରାୟେ ପାଉଥିବେ ଶୋଭା ସେ
ଇନ୍ଦ୍ର ଆଦି ଅମରେ
ଆସି ରହି ଅଧ ଆକାଶରେ ସେ । ଅଶ୍ରୁ ପୂରିତ ଆନନ୍ଦ ଭରେ ସେ
ଅନାଇ ସେ ଥିବେ ଅତି ଧୀରେ ସେ । ୧୫ ।

ତ୍ରିପୁରାସୁର ମାରଣେ ମହାଦେବ ରଥେ ବିଜେ କଲା ପ୍ରାୟେ
ତାଳଧ୍ୱଜରଥ ମଣ୍ଡିବେ ସେ ତାଳଧ୍ୱଜ ବଳଦେବ ରାୟେ ସେ
ତେଜ ପୁଞ୍ଜ ମୂରତି
ତିନଲୋକର ସୁଖ ସମ୍ପତ୍ତି ସେ । ତାଙ୍କ ବିନୁ ନାହିଁ ଆନ ଗତି ସେ
ତାଙ୍କୁ ଦେଖିଲେ ଲଭି ମୁକତି ସେ । ୧୬ ।

ଥକିତ ବିଜୁଳି ସୂର୍ଯ୍ୟଙ୍କ ମେଳ ଉଦେ ହେଲା ପ୍ରାୟେ ହୋଇ
ଥିବେ ସୁଭଦ୍ରା ସୁଦର୍ଶନ ମଣ୍ଡିବ ପଦ୍ମଧ୍ୱଜ ରଥେ ଯାଇଁ ସେ
ଥିବେ ରଥରେ ବସି

ଥୀରମଣ୍ଡଳୀ ମଧୁରଭାଷୀ ସେ । ଥିବେ ସେବକ ପାଶରେ ନିତି ସେ
ଥିବା ଅମ୍ଭେମାନେ ସୁଖ ଭୋଗି ସେ । ୧୭ ।

ଦୁର୍ଲ୍ଲଭ ଦର୍ଶନ ସୁଲଭ କର ସେ ପ୍ରଭୁ ପରମ ଈଶ୍ୱର
ଦେଖୁ ଦେଖୁ ସିଦ୍ଧ ପରସ୍ପରେ ସହଜରେ ପାଇଯିବେ ସିଦ୍ଧଦ୍ୱାର ସେ
ଦିବ୍ୟପଦ୍ମଚରଣ
ଦେବୀ ପଦ୍ମଅସନୀ ଶରଣ ସେ । ଦାସ ଜନଙ୍କ ଦୁଃଖ ହରଣୀ ।
ଦେଖି ପୃଥ୍ୱୀ କରେ ଆଚରଣ ସେ । ୧୮ ।

ଧନ୍ୟ ଧରଣୀ ଫଣୀ ମଣି ବାସୁକୀ କମଠ ମଣ୍ଡଳଭାବ
ଧରାଧର ହୋଇ ବୈଷ୍ଣବବେଶରେ ଧରନ୍ତି ଦେବଙ୍କ ଦେବ ସେ
ଧନ୍ୟ ଧନ୍ୟ ସେ ଧୂଳି
ଧୀରେ ତାଙ୍କ ଭାଗ୍ୟ ନୋହେ କଳ ସେ । ଧର ପ୍ରଭୁଙ୍କ ବିଜୟେ ଭୁଲ ସେ
ଧାଇଁ ଥାନ୍ତି ଧ୍ରୁବ ଲୋକ ବଳ ସେ । ୧୯ ।

ନଷ୍ଟେ ପରଶମଣି ଗୁଣ ପ୍ରମାଣ ଲୁହାକୁ କରଇ ସୁନା
ନୀଳାଦ୍ରି ମଣ୍ଡନ ଦର୍ଶନ ପରଶ ତାହାଙ୍କ ଅଧିକ ସିନା ସେ
ନାନା ଜୀବଙ୍କ ହିତେ
ନିରାକାର ସାକାରର ମତେ ସେ । ନଦେବ୍ୟ ବିଦବେ ନୀଳ ଚକ୍ରେ ସେ
ନାନା ଯାହାଙ୍କ ସେହି ନାମନ୍ତେ ସେ । ୨୦ ।

ପୃଥିବୀରେ ପୂର୍ଣ୍ଣଚନ୍ଦ୍ରମା ଖେଳବା ପ୍ରାପ୍ତେ ବଚନ ଦଶିବା
ପଦ୍ମ ପାରିବାର ପଦ୍ମରେ ସମସ୍ତେ ପୁଣି ପୁଣି ପୂର୍ଣ୍ଣ କବା ସେ
ପାରିଜାତକ ବୃକ୍ଷ
ପ୍ରାପ୍ତେ ହୋଇ ଯେ ଥିବେ ପ୍ରତ୍ୟକ୍ଷ ସେ । ପୂର୍ଣ୍ଣ କର ବାଞ୍ଛା ଲକ୍ଷ ଲକ୍ଷ ସେ
ପାପ କଷ୍ଟରୁ କରିବେ ମୋକ୍ଷ ସେ । ୨୧ ।

ଫଗୁଣ ମାସେ ଫଗୁଖେଳ ଉତ୍ସବେ କାମଦେବ ବଜେ ପ୍ରାୟେ
ଫୁଲ୍ଲାରବିନ୍ଦ ନେତ୍ର ଫୁଲ୍ଲ ଚାଲନ୍ତେ ଫଗୁଣାକୁ ନେଇ ହୋଏ ସେ
ଫୁଲ ଛତ୍ର ଚାମର
ଫୁଲ ଅଲଟ ପଙ୍ଖା ଅପାର ସେ । ଫଗୁଣାରେ ଧରିଥିବେ କର ସେ
ଫୁଲ ବନୋଦଅଙ୍କ ଭ୍ରମର ସେ । ୧୨ ।

ବ୍ରହ୍ମାଦି ଶଙ୍କର ଦେବଙ୍କୁ ଦୁର୍ଲ୍ଲଭ ଯାଙ୍କ କରୁଣା କରୁଣ୍ଣା କଟାକ୍ଷ
ବୃକ୍ଷ କଳ୍ପପ୍ରାୟେ ଦୃଷ୍ଟି ଯାକରେ ସେ ପଡ଼ୁଥିବ ଲକ୍ଷ ଲକ୍ଷ ସେ
ବେତ୍ର ହସ୍ତ ସେବକେ
ବେତ୍ରଧାରୀ ହୋଇ ଏକେ ଏକେ ସେ ବେଢ଼ିଥିବେ ଚାରିପାଖ ଯାକେ ସେ
ବଳେ କରାଉଥିବେ ନଶଙ୍କେ ସେ । ୧୩ ।

ଭକ୍ତ-ଜନ-ମନ-କୁମୁଦ-ଚନ୍ଦ୍ରମା ମଧୁର ହସେ ଚାହିଁବା
ଭକ୍ତ-ଭର ଦେଇ ଭୃତ୍ୟଙ୍କ ଉପରେ ବଙ୍କିମା ହୋଇ ରହିବା ସେ
ଭଙ୍ଗୀ ଦେଖିବା ଯାଇଁ
ଭଲେ ଜୀବନରେ ଜୀଇଥାନ୍ତି ସେ । ଭାଗ୍ୟ ସତେ ଏତେ କରିଛନ୍ତି ସେ
ଭବଭୟକୁ ଦେବା ପକାଇ ସେ । ୧୪ ।

ମେରୁ ପର୍ବତକୁ ସୂର୍ଯ୍ୟ ପରିକ୍ରମା କଲା ପ୍ରାୟେ ରଥ ବୁଲି
ମହିମା ସମୁଦ୍ର ଚାରିକୁ ଉଠିବା ମତ୍ତ ଗଜ ପ୍ରାୟେ ଗଲି ସେ
ମହା ସୁଖ ଦେଖିବା
ମନୁ ସବୁ ଦୁଖ ଉପେକ୍ଷିବା ସେ । ମର୍ତ୍ତ୍ୟ ମଣ୍ଡଳେ ଯଶ ରଖିବା ସେ
ମୃତ୍ୟୁ ଭୟ ଦୁଖ ନ ଲେଖିବା ସେ । ୧୫ ।

ଯେତେବେଳେ ଠକା ଅପସରି ହୋଇ ଲୋକଙ୍କୁ ଦିଅନ୍ତି ଦୃଷ୍ଟି
ଜଗତ ଯାକରେ ଏକା ଲାଗକରେ ହୋଇ ଅମୃତ ବୃଷ୍ଟି ସେ
ଜଗମୋହନ ମୂର୍ତ୍ତି

ନାଚ କରାଇ ସ୍ୱର୍ଗ ସମ୍ପତ୍ତି ସେ । ଜଗତକୁ ଦେଇ ଏକା ଗତସେ
ଜ୍ୟୋତି ମଣ୍ଡଳରେ କି ଦିଶନ୍ତି ସେ ॥ ୨୬ ॥

ରାଜୀବନୟନ ଶ୍ରୀ ମୁଖ ସିଂହାର ବଢାଇ ଅତି ସଧୀରେ
ରଙ୍ଗ ଅଧରେ ମନ୍ଦରେ ହସି ବିଜୟେ କରିବା ସଜ୍ଜାଗିରେ ସେ
ରଥ ଉପର ବେଶ
ରଙ୍ଗେ ହୋଇଥିବ ପୀତବାସ ସେ । ରହି ଅନାଇଥିବେ ତିଦଶ ସେ
ରସି ଥିବ ସବୁର ମାନସ ସେ । ୨୭ ।

ଲକ୍ଷ୍ୟରହିତ ବେଶକୁ ତ ସନ୍ଦନ୍ତେ ଲକ୍ଷ ଅଂଶେ ଲକ୍ଷ୍ୟ ନାହିଁ
ଲଲାଟ ପଟ ସ୍ୱର୍ଣ୍ଣ ଚିତା କର୍ପୂର ତ୍ରିଲକାକୁ ଲକ୍ଷ୍ୟ କାହିଁ ସେ
ଲକ୍ଷ୍ୟ ତାହାକୁ ସେହି
ଲୋକ କହିବାକୁ ଲୋକେ ନାହିଁସେ । ଲୋଭେ ଲୋଡ଼ିଲେ
ପାଇବା କାହିଁସେ
ଲୋଡ଼ି ଲୋଚନକୁ ଦେବା କହି ସେ । ୨୮ ।

ବୀର ବେଶରେ ବୀରଛଟା ଧରାଇ ବୀର ଆସନେ ବସିବା
ବିକ୍ରମ କେଶରୀ ବିକ୍ରମେଲା ପ୍ରାୟେ ବାହୁ ବସ୍ତ୍ରାଦି ଦଶିବା ସେ
ବୀରବରଙ୍କ ବର
ବୀର କେଦାରେ ମଣ୍ଡିତ ଶିର ସେ । ବୀରବାନା ବିରାଜିତ କର ସେ
ବୀର ବାହୁରେ ମଣ୍ଡିତ ପୁର ସେ । ୨୯ ।

ସ୍ୱର୍ଗରୁ ଇନ୍ଦ୍ର ଅଇଲା ପ୍ରାୟେ ଆସି ନୃପରାଜେନ୍ଦ୍ର ସେବା ସାର
ସାଢ଼ୀ ପାଗ ଶୁଭେ ବନ୍ଧେ କରିଥିବେ ଗନ୍ଦଣକୁ ଅନୁସର ସେ
ସଙ୍ଗେ ଥିବେ ସମସ୍ତେ
ଷୋଳ ସାମନ୍ତ ନିଯୋଗ ଯେତେ ସେ । ସମସ୍ତ ଗଜ ଅଶ୍ୱ ପହଟେ ସେ
ସଂଖ୍ୟା କରିବା ପାଦାନ୍ତି କେତେ ସେ । ୩୦ ।

ସେ ତ ସୁନ୍ଦର ସକଳ ଗୁଣେ ସାର ଉଚ୍ଚୈଶ୍ରବା ସହୋଦର
ସଇବ ସୁଗ୍ରୀବ ମେଘପୁଷ୍ପ ବଳାହକ ନାମ ଯାହାଙ୍କର ସେ
ବାର ଅଶ୍ୱଙ୍କୁ ଯୋଚ
ସବ୍ୟ ଅପସବ୍ୟ ବାଗକୁ ଆଣି ସେ । ଶଏ ପାଞ୍ଚଣ ଦଣ୍ଡକୁ ସଂଚ ସେ
ଶୀଘ୍ରେ ସାରଥି ରହିବା ଥୟ ସେ । ୩୧ ।

ଶ୍ରବଣ ମଙ୍ଗଳ ଜଗନ୍ନାଥ ହସି ବଳଦେବଙ୍କ ଅନାଇଁ
ଶୁଭେ ଆଗେ ବିଜେ କର ବୋଲିବାରୁ ବିଜେ କରିବେ ଗୋସାଇଁ ସେ
ସଙ୍ଗେ ସୁଭଦ୍ରା ଯିବେ
ଶଙ୍ଖ ଝାଞ୍ଜ ଘଣ୍ଟାହି ବାଜିବେ ଯେ । ଶୀଘ୍ରେ ଲୋକ ପାଖେ ଅଉଜିବେ ସେ
ସେହି ସଙ୍ଗରେ ପ୍ରଭୁ ସାଜିବେ ସେ ॥ ୩୨ ।

ହାହାସ୍ତ୍ରୀ କର ଅଶ୍ୱଙ୍କୁ ଅବୋଧ ସେ ସାରଥି ଉଦ୍ଧେ ଛାଟିବା
ହସ୍ତକୁ ତୂଳାଇ ବିକଟାଳ ହୋଇ ବଙ୍କ ଗୀତ ଉଚ୍ଛୁଟିବା ସେ
ହରି ଧ୍ୱନି ଛାଡ଼ିବା
ହାଥେ ହଥେ ଦଉଡ଼ି ଟାଡ଼ିବା ସେ । ହରଷରେ କେ କର ଯୋଡ଼ିବା ସେ
ହସ ଶ୍ରୀ ମୁଖେ ନେତ୍ର ପଡ଼ିବା ସେ ॥ ୩୩ ॥

କ୍ଷେତ୍ରପତି ଶିର ଲଗାଇ ପଛରେ ସଧୀର କରି ପେଲିବା
କ୍ଷୀର ସମୁଦ୍ରରେ ସୁବର୍ଣ୍ଣ ବୋଇତ ପ୍ରାୟେ ରଥଙ୍କ ଚଳିବା ସେ
କ୍ଷମା ସାଗର ଲୀଳା
କ୍ଷୋଭସିନ୍ଧୁ ତରିବାକୁ ଭେଳା ସେ । କ୍ଷଣ୍ଡ କରେ ମହାପାପ କଳାସେ
କ୍ଷଣେ ଧାନକୃଷ୍ଣିଆ ବାଉଳା ସେ । ୩୪ ।

ସ୍ନାନ ସ୍ମରଣ ଚଉତିଶା

ଦଣ୍ଡ—ତ୍ରିପୁଡ଼ା

କହେ ଦୀନକୃଷ୍ଣ ଶୁଣ ରେ ସଦାତ ଧିକ ହୋଉ ମୋ ଜୀବନ
କୋଟି-ବ୍ରହ୍ମାଣ୍ଡ-ନାଥ ସ୍ନାନ-ଉତ୍ସବ କଲିନାହିଁ ଦରଶନ ସେ
କଉଁ ଅଭାଗ୍ୟ ମୋର
କଲା ସେ ସୁଖ ବାହ୍ୟ ଅନ୍ତର ସେ ।
କହିବାକୁ ତ ନୋହେ ଗୋଚର ସେ ।
କହ କହ ମତେ ସେ ଉତ୍ତର ସେ । ୧ ।

ଝଦ ଭ୍ରମର ଅଲଟ ପଙ୍ଖା ଯେନ୍ନ ଖଞ୍ଜଣୀ ସାମନ୍ତମାନେ
ଖଗପତି-ନାଥ ବିଜେ କରାଇବା ଦେଖିଲି ନାହିଁ ନୟନେ ସେ
ଘଣ ଘଣକ ସୁଖ
ଖଣ୍ଡେ ଅଶେଷ ଜନମ ଦୁଃଖ ସେ ।
ଖେଦ-ତମିର ଶୀତ-ମୟୂଖ ସେ ।
ଖମଣ୍ଡଳେ ଦେଖୁଥିବେ ଲୋକ ସେ । ୨ ।

ଗୀତ ବାଦ୍ୟ ନୃତ୍ୟ ଅତି ଅପ୍ରମିତ ଅନେକ ଚନ୍ଦ୍ରଉଦୟ
ଗହଳେ ହୁଳା ଦହୁଡ଼ି ଲାଗି ହୁତ କରିବା ଚନ୍ଦ୍ରଉଦୟ ସେ
ଗଲା ନ କହି ମତେ
ଗଞ୍ଜି ନୋହିବ ଅବା କେମନ୍ତେ ସେ ।
ଗୁଣୁଅଛୁ ଏହି କଥା ଚିତ୍ତେ ସେ ।
ଗୋ ଦେଖିଲି ତୃଷା ଅରତେ ସେ । ୩ ।

ଘଟଣ ଅକାଶ ମଣ୍ଡଣେ ମଣ୍ଡିତ ନୋହିଲା ବାରେ ନେଷ୍କନ
ଘୋଷିଲ ନାହିଁ ଘନଶ୍ୟାମ ସୁନ୍ଦର ନାମ ଅମୃତ ବଚନ ସେ
ଘନ ଘଣ୍ଟା ଶବଦ
ଯେମନ ମର୍ଦ୍ଦଳ ମଧୁର ନାଦ ସେ ।
ଘୋଟି ଯାଉଥିବ ବିଶ୍ଵ ପଦ ସେ ।
ଘୂର୍ଣ୍ଣେ ଯାହା ଶୁଣି ଘନ ମୃଦ ସେ । ୪ ।

ନୟନାନନ୍ଦ ଶ୍ରୀ ନୀଳାମ୍ବର ଲୀଳା ବଳେ ମତ୍ତ ଚିତ୍ତ ଠାଣି
ନ ପାରିଲି ଦେଖି ଆହା ସେ ରଙ୍ଗିମା ନେତ୍ର ଭଙ୍ଗିମା ଗୃହିଣୀ ସେ
ନିଶାକାନ୍ତ-ବଦନ
ନେତ୍ର-ଚକୋର-ସୁଖ-ସଦନ ସେ ।
ନାନା ଦୁଃଖ-ତିମିର-ଛେଦନ ସେ ।
ନୃପ-ମନ-କୁମୁଦ-ମୋଦନ ସେ । ୫ ।

ଚିତ୍ର ନିର୍ମଳ ପର୍ବତରେ ଝଟନ୍ତି ରଜତ ଶୃଙ୍ଗ ପରାୟେ
ଚରାଚର ନାଥ ମଣ୍ଡିବାରୁ ମଞ୍ଚା ମଣ୍ଡପକୁ ଅତିଶୟେ ସେ
ଚକ୍ଷୁ ଉପରେ ଆସି
ଚୁହିଁ ଚୁହିଁ ଯାଉଅଛି ମିଶି ସେ
ଚତ୍ତ ନଉଛି ବଳେ ଅକର୍ଷି ସେ ।
ଚନ୍ଦ୍ର ଚନ୍ଦ୍ରକୁ ଦେଉଛି ନାଶି ସେ । ୬ ।

ଛଡ଼ି ଚନ୍ଦ୍ରା ଅପସରି ଚନ୍ଦ୍ରା ଆଖି ଚହିଁ ଉଣ୍ଡାଇବା ବେଳେ
ଛନ୍ଦନ ହୋଇ ମୁଁ ଦେଖି ନ ପାରିଲି ଆହା ସେ ମହା ଗହଳି ସେ
ଛନ୍ଦି ଚମର ବାସେ
ଛାଇ ହୋଇଥିବେ ଚଉପାଶେ ସେ ।
ଛପାନାଥ ଚନ୍ଦ୍ର ଯହିଁ ବସେ ସେ ।
ଛପାରେ ମନ ନୟନ ତୋଷେ ସେ । ୭ ।

ଜଗମୋହନରୁ ଶ୍ରୀ ଜଗମୋହନ ବାହାର ହେବା ସମୟେ
ଯାଉନାହିଁ ମୋର ମନରୁ ସେ ଶୋଭା ଯେମନ୍ତ ସେ ସୁଖମୟେ ସେ
ଯଉଁ ଦିବ୍ୟଶ୍ରୀ ଯାଗ

ଯୋଗୀ ଯୋଗ କରେ ଉଦବେଗ ସେ ।
ଯାହା ଦେଖି ବଢ଼େ ଅନୁରାଗ ସେ ।
ଯାଉ ଜୀବ ତା ସୁନ୍ଦର ଅଗ ସେ । ୮ ।

ଝୁଲନ୍ତା ମନ୍ତ୍ରଗଜ ପ୍ରାୟେ ଝୁଲି ସେ ବେଦ ପାଶକୁ ଗୁହିଁବା
ଝମକିଲା ପିନ୍ଧ ପଟ୍ଟପ୍ରାୟେ ଚମକ ଝଲକ ଯାଇଁ ରହିବା ମେ
ଝଳ ଚନ୍ଦ୍ରମା ମୁଖ

ଝଟି ଝଟି ଝଟକିବା ସୁଖ ସେ ।
ଝାଳ ବିନ୍ଦୁକୁ କର୍ପୂର ଟେଖ ସେ ।
ଝୋଟିକେ ଝରେ କେତେ ଦୁଃଖ ସେ । ୯ ।

ଞଣି ଦବଞ ସମାନ କର ବଳେ କରିବା ସ୍ନାନ ମଣ୍ଡପେ
ଜୋହନ୍ତି ନୟନ ସଙ୍ଗେ ସୁନ୍ଦର ସେଭା ଲାଗି ଶୋଭା ରୂପେ ସେ
ନାନା ଜଳରେ ସ୍ନାନ

ନାଶ କରେ ନାନା ଦୁଃଖମାନ ସେ ।
ନାହିଁ କଲା ଗର୍ଭଜଲ ସ୍ନାନ ସେ ।
ନଷ୍ଟେ ଦେଲା ଚତୁର୍ବର୍ଗ ଦାନ ସେ । ୧୦ ।

ଟେକ ଉତ୍କଳ ପର୍ବତରୁ ନିର୍ଝର ଝରନ୍ତି ପ୍ରାୟେକ ହୋଇ
ଟେଳ ଅସତ୍ୟେ ଶ୍ରୀମୁଖୁଁ ଜଳଧାର ଟେକ ଅନାଇଲ ନାହିଁ ସେ
ଟେକ ଚନ୍ଦନ ପଙ୍କ

ଟେକେ ମୂରେ ଶ୍ରୀମୁଖ ଶଶାଙ୍କ ସେ ।
ଟେକେ ହରନ୍ତି ଭବ ଆତଙ୍କ ସେ ।
ଟାଣ ପାପୀଙ୍କି କଲ୍ଲ ନିଶଙ୍କ ସେ । ୧୧ ।

ଠାଠିକ କରି ଠାକୁର ଧନ ଜଳ ଅନନ୍ଦେ ନ କଲ ସେବା
ଠେଲାଠେଲି ପେଲାପେଲି ଯହିଁପାଇଁ ସକଳ ମାନବ ଦେବା ସେ
ଠଣ ପଦ୍ମ ନୟନ
ଠିକେ ଦେଖିଲା ନାହିଁ ନୟନ ସେ ।
ଠାବ କରନ୍ତି ଶତ ନୟନ ସେ ।
ଠୂଳେ ଲଭନ୍ତି ଅନନ୍ତ ଦାନ ସେ । ୧୨ ।

ଡୋଳ ନ ଦେଖିଲ ପୀତବାସ ଲାଗି ଡାଳମ୍ବନେତ୍ରା ପ[illegible]
ଢେଉର ହୋଇଛୁ ଏବେ ହେଁ ପ୍ରେମ ଅଙ୍ଗେ କର ଦର୍ଶନ ବାଞ୍ଛା ସେ
ଡକା କଲ୍ଲ ଦଇବ
ଡାକ ଦେଲା କେତେ ପରଭବ ସେ
ଡାଳମ୍ବଗ କର ମୋ ସ୍ୱଭାବ ସେ
ଡଅଇଁବାରେ ଦେଲା ସେ ଭାବ ସେ । ୧୩ ।

ଢାଲେ ନ ଦେଖିଲ ନୀଳାଦ୍ରିସିଂହର ନାନା ଫୁଲେ ହାଥୀ ସାଜ
ଢୋକଲ ଅମୃତ ହାଥ୍ ନେଇ ମତେ ଏହା କଲ କୃଷ୍ଣଧ୍ୱଜ ସେ
ଢାଲେ ହୋଇଲ ନାଶ
ଢଗ ପସରାକୁ କର ଆଶ ସେ
ଢମ ପଣେ ହୋଇଲ ଅବେଶ ସେ
ଢାଲେ ନ ଚହିଁଲ ଜଗଧୀଶ ସେ । ୧୪ ।

ଅହା ସେ ଫୁଲ ଚୂଳ କର ପଲ୍ଲବ ଅହା ସେ ଅଳକା ପନ୍ତି
ଅହା ସେ ଫୁଲମାନଙ୍କରେ ବିସ୍ତାର ହୃଦପୃଷ୍ଠରେ ଯନ୍ତ୍ରାଯନ୍ତ୍ର ସେ
ଅହା ସେ ଶୋଭା ଦେଖି
ଅଛ ପବିତ୍ର କରନ୍ତୁ ଅଖି ସେ । ଆନନ୍ଦରେ ହୋଉଥାନ୍ତୁ ସୁଖୀ ସେ
ଅଉ କାହିଁକି ହୁଅନ୍ତୁ ଦୁଖୀ ସେ । ୧୫ ।

ତ୍ରୈଲୋକ୍ୟ-ମୋହନ ତ୍ରିତାପ ଦହନ ମଧୁର ମୂର୍ତ୍ତିକି ଚାହିଁ
ତ୍ରାହି କରି ମହାପ୍ରଭୁ ମହାବାହୁ ବୋଲି ଡାକ ଦେଲି ନାହିଁ ସେ
ତେଣୁ ସମସ୍ତ ଗଲା
ତନ ତାପ ମୋହର ନ ଗଲା ସେ ।
ତହିଁ ଯେତେ ମୋର ଆଶା ଥିଲା ସେ ।
ତେତେ ଦଇବ ନିରାଶ କଲା ସେ । ୧୬ ।

ଥାବର ଜଙ୍ଗମ କାଠ ପଥରରେ କାହିଁ ମୁଁ ନୋହିଲି ଲେଖା
ଥିଲେ ନ ଦେଖିଲି ଚନ୍ଦ୍ରମାବଦନେ କର୍ପୂର ଚନ୍ଦନ ରେଖା ସେ
ଥିଲା କର୍ମରେ ଏହା
ଥାଉ ପ୍ରାଣେ ନ ଦେଖିବି ତାହା ସେ
ଥାଉ ଅମୃତ ବପେ ଯୋଉରେହା ସେ
ଥରେ ପ୍ରଭୁହିଁ ନ କଲେ ଅହା ସେ । ୧୭ ।

ଦୀନଜନ ବନ୍ଧୁ ଦୟେନ୍ଦ୍ରା ଭୂଷଣ ଦୟାସିନ୍ଧୁ ଜଗନ୍ନାଥ
ଦାଣ୍ଡ ଯାକ ଘୂରି ଦେଖୁଥିବେ ଲୋକେ ଅହା ଶଙ୍ଖ ଚକ୍ର ହାଥ ସେ
ଦିବ୍ୟ ସୁବେଶ ଶୋଭା
ଦରଶନେ କେ ନୋହିବ ଲୋଭା ସେ
ଦେବତାଙ୍କ କରଥିବ ଲୋଭା ସେ
ଦଶଦଶେ ଫୁରିଥିବ ପ୍ରଭା ସେ । ୧୮ ।

ଧବଳ ଛତ୍ର ଚାମର ଚନ୍ଦ୍ର ସୂର୍ଯ୍ୟ ତାରସ ମେଘ ଡମ୍ବର
ଧରଣୀଧର ପ୍ରଭୁଙ୍କ ପାଶରେ କି ଦଶୁଥିବେ ଅଡମ୍ବର
ଧନ୍ୟ ସେବକ ଜନେ
ଧରି ଚନ୍ଦନ ନାଲ ବସନେ ଯେ
ଧରି ଧରି ବୋଲି ତୋଷ ମନେ ଯେ
ଧୀରେ ଦେଉଥିବେ ଯଜମାନେ ଯେ । ୧୯ ।

ନୀଳାଦ୍ରି ସିଂହ ଘାମୁରେ ନୃପ ସିଂହ ପଟୋଆର ହୋଇ ଚହ୍ନି
ନିଶାଙ୍କରଙ୍କୁ ଚକୋରପନ୍ତି ପ୍ରାୟେ ସମସ୍ତେହେଁ ଥିବେ ଚାହିଁ ଯେ
ନାନା ପ୍ରକାରେ ଗୀତ
ନାନା ବାଦ୍ୟ ନାନା ରୂପେ ନୃତ୍ୟ ଯେ
ନଚନ୍ତିରେ ହେବାରୁ ଏକତ୍ର ଯେ
ଜଗନ୍ନାଥ ଉତ୍କଳର ଚିତ୍ତ ଯେ । ୨୦ ।

ପୋଡୁ ପୋଡୁ ମୋର ପାପିଷ୍ଠ କରମ ଧିକ ଧିକ ମୋ ଜୀବନ
ପଦ୍ମଲୋଚନ ଧୂପ ଦୀପ ଆଳତି କଲି ନାହିଁ ଦରଶନ ଯେ
ପରମାନନ୍ଦ ସୁଖ
ପରଶରେହେଁ ପଳାନ୍ତା ଦୁଃଖ ଯେ
ପଲକେହେଁ ନ ଛାଡ଼ନ୍ତି ପାଖ ଯେ
ପୂର୍ଣ୍ଣ ଯେବେ କରେ ଶିଳୀମୁଖ ଯେ । ୨୧ ।

ଫୁଲମାଳ ଚୂଳ ଉଲଗି କରି ଯେ ସେବକେ ଅଙ୍ଗେ ନିଷ୍ଠିବା
ଫଳଲୋଭେ ମନ୍ଦା କଳପ ବୃକ୍ଷକୁ ବେଢ଼ିଲା ପ୍ରାୟେ ଦିଶିବା ଯେ
ଫୁରୁଅଛି ଲୋଚନେ

ଫେଡ଼ କହିବ କେତେ ବଚନେ ସେ
ଫଣୀଧର ଧରେ ଯାହା ମନେ ସେ
ଫନା ଏହନ୍ତି ଭବମୋଚନେ ସେ । ୧୨ ।

ବାମଦେବ କଇଲାସ ପର୍ବତରୁ ଓଁକାରଲ୍ଲା ପ୍ରାୟେ ହୋଇ
ବାହୁଡ଼ା ବଳେ କରବା ନ ଦେଖିଲ ଦେବଣଙ୍କ ପ୍ରାଣଯାଇଁ ସେ
ଛନ୍ଦାପନା ବଢ଼ାଇ
ବେନ ପାଶକୁ ହସି ଅନାଇ ସେ
ବାଞ୍ଛାପୂର୍ଣ୍ଣ ଲୋକଙ୍କୁ କରାଇ ।
ବଡ଼ ଦେଉଳେ ପଶିଲେ ଯାଇଁ ସେ । ୧୩ ।

ଭଦ୍ର ଦାୟିନୀ ସୁଭଦ୍ରାଙ୍କ ବିଜୟେ ଝୁଣ୍ଟିକ ବିଜୁଳି ପ୍ରାୟେ
ଚଳି ଝୁଣ୍ଟିକି ଅଦୃଶ୍ୟ ହୋଇଥିବେ ଘଣ୍ଟିଶ୍ରୁ ଉତ୍ସବ ଯାୟେ ସେ
ଭଲା ଭଲା ସେ ଛବି
ଭବଭୟ-ପର୍ବତକୁ ପବି ସେ
ଭକ୍ତଜନ-ମନ-ପଦ୍ମ-ରବି ସେ
ଭାଗ୍ୟ ଥିଲେ ସେ ଛବି କି ଲଭ ସେ । ୧୪ ।

ମର୍କତ ପର୍ବତ ଶୃଙ୍ଗ ପ୍ରାୟେ ହୋଇ ମହାବାହୁ ଥିବେ ରହି
ମହା ମେଘକୁ ଶୃଙ୍ଗକ ପକ୍ଷୀ ପ୍ରାୟେ ଭକ୍ତଜନେ ଥିବେ ଚାହିଁ ସେ
ନୀଳ ଚନ୍ଦ୍ର ଉଜ୍ଜଳ
ମନ ହେବେ ଅବନ ବିସ୍ତାର ସେ
ମହା କଷ୍ଟୀ ଲୋକଙ୍କ ନିସ୍ତାର ସେ
ମହା ମହୋତ୍ସବ ଥିବେ କରି ସେ । ୧୫ ।

ଜଗତବ୍ରହ୍ମାଣ୍ଡଧରଙ୍କୁ ଧରି ସେ ଠାକୁ ଛଡ଼ାଇବା ବେଳେ
ଜଗତ ଯାକ ଉତ୍କଳ ପଡ଼ିଥିବ ଜୟ ଶବଦ ଗର୍ଜ୍ଜନେ ସେ
ଯଉଁ ସୁଖ ସେ କାଳେ ।
ଯୋଗୀ ନ ଜାଣନ୍ତି ଯୋଗବଳେ ସେ । ଜୀବ ପରମଙ୍କୁ ଯେନ ଖେଳେ ସେ ।
ଜାଣିଥିବ ସେ ଦେଖିଛୁ ହୋଇଲେ ସେ । ୧୬ ।

ଟଳନ୍ତ-ଗିରି ଶିଖରୁ ମତ୍ତଗଜ ପଡ଼ିଲା ପରାଏ ହୋଇ
ରାଜୀବ ନୟନ ବିଜେ ହେଲେ ଭକ୍ତଙ୍କୁ ଶ୍ରୀକର-ପଲ୍ଲବ ଦେଇ ସେ
ରହି ଦକ୍ଷିଣ ମୁଖେ ।
ରଖି ସେବକମାନଙ୍କୁ ପାଖେ ସେ । ରହିଛି ବନ୍ଦାପନା ହେବା ସୁଖେ ସେ
ରହିଥିବେ ଲୋକେ ସେଦିନ ସୁଖେ ସେ । ୧୭ ।

ଲବଣି ବାରିଧି ଲୀଳା ବିରଚି ସୁଧା ଜଳଧିରେ ପଡ଼ି ଜନେ
ଲୋଲାୟିତ ହୋଇ ସ୍ନାନ କରୁଥିବେ ପରମ ଆନନ୍ଦ ମନେ ସେ
ଲୀଳା ଏବେ ସୁମରି ।
ଲୋଚନେ ହୃଦୟ ହୋଉଛି ଭାରି ସେ । ଲୋଚକରେ ନୀର ଅଛି
ଛନ୍ଦି ସେ ।
ଲକ୍ଷ୍ମୀ ଗୁଣେ ପ୍ରେମ ହୁଏ ଢେର ସେ । ୧୮ ।

ବାହାକୁ ବାହା ହାଥୀକୁ ହାଥୀ ଭରି ପିଠିକି ପିଠି କେ ଦେଇ
ବଡ଼ବଡ଼ କରିବାରୁ ହୁଙ୍କାର ଧ୍ୱନିମାନ ଶୁଭ ହୋଇ ସେ
ବସ୍ତ୍ରପାଦ ଶବଦ
ବ୍ରହ୍ମାଣ୍ଡରେ ବାଜି ପ୍ରତି ନାଦ ସେ । ବସ୍ତ୍ରପଦ କରିଥିବ ଭେଦ ସେ ।
ବିନାଶିବ ସଂସାର ପ୍ରମାଦ ସେ । ୧୯ ।

ଶ୍ରୀଅଙ୍ଗ ଦିବ୍ୟବାସ ପୂରି ଦଶଦିଶ ସବୁରି ମନ ତୋଷିବା
ସୁଧାବିନ୍ଦୁ ପ୍ରାୟେ ସ୍ୱର୍ଗରୁ ପଡ଼ନ୍ତେ ଫୁଲମାନ ବରଷିବା ସେ
ଶୋଭା କହିବ କେତେ ।
ସିନ୍ଧୁ ଲହରୀ କଲ କି ଚିତ୍ରେ ସେ ।
ସବୁପ୍ରକାରେହେଁ ନୋହେ ପ୍ରତେ ସେ
ସୁରମାର୍ଗ ବୋଲି ଏତେ ଦେଖେ ସେ । ୩୦ ।

ସିଦ୍ଧ ପର୍ବତ କନ୍ଦରରୁ ପ୍ରବେଶ ପର୍ଯ୍ୟନ୍ତ ଅତି ସହରେ
ଶ୍ରୀ ଜଗମୋହନ ବେଢେ କରୁଥିବେ ଶ୍ରୀଜଗମୋହନ ଘରେ ସେ
ସୁଧାକର ଯେମନ୍ତ ।
ଶ୍ୱେତ ମେଘେ ହୋଇଥିବେ ଅବ୍ୟାହତ ସେ । ସେହିରୂପେ ସେ କମଳାକାନ୍ତ ସେ
ଶୀଘ୍ରେ ହୋଇଲେ ଅନ୍ତରହିତ ସେ । ୩୧ ।

ସକଳ ବ୍ରହ୍ମାଣ୍ଡ ନାଥ ସର୍ବ ସୁଖ ଶ୍ରୀ ଗୋପୀନାଥଙ୍କ ଦେଇ
ଶୁଭେ ବନ୍ଦନ କଲେ ଅଣଆପସରେ ଖମ୍ବରେ ତାହିଁ ବନ୍ଧାଇ ସେ
ସ୍ନାନ ଯାତ୍ରାହିଁ ଗଲା ।
ଶ୍ରୀଗୁଣ୍ଡିଚା ନିକଟ ହୋଇଲା ସେ । ସବୁଆଡ଼େ ଉଛବ ହୋଇଲା
ସଜ ହେବାକୁ ମନ ଧାଇଁଲା ସେ । ୩୨ ।

ହୃଦୟ ଏତେବେଳେ ଯାହା ହୋଉଛି କାହାକୁ କହିବ ତାହା
ହରି ବାହାରେ ଏ ଦୁଃଖ ଜାଣିମାଲୁ ଆଉ କେହି ନାହିଁ ସାହା ସେ
ହାନିଲାଭ କରତା ।
ହେଲେ ପରମପଦ ବିଧାତା ସେ । ହରି ବ୍ରହ୍ମାଦି ଦେବ ଦେବତା ସେ
ହେବେ ସତେ ପ୍ରଭୁ ପ୍ରସନ୍ନତା ସେ । ୩୩ ।

କ୍ଷମାସାଗର ନାଗରବର ଅଦ୍ୱେ ପ୍ରଭୁ କୃପା-ରତ୍ନାକର
କ୍ଷଣଦ୍ଧେ ନନ୍ଦଘୋଷ ରଥେ ବିଜୟେ ଦରଶନ ଦେଉ କର ସେ
କ୍ଷେତ୍ରବରକୁ ନେଇ ।
କ୍ଷାର କ୍ଷୋଭ ମନରୁ ଛଡ଼ାଇ ସେ । କ୍ଷେମେ ନେଇ ଉତ୍ସବ କରାଇ ସେ
କ୍ଷାନ୍ତ କ୍ଷଣେ ଛଡ଼ାଇବ ନାହିଁ ସେ । ୩୪ ।

ଜଗବନ୍ଧୁ ଜଣାଣ ଚଉତିଶା

ନବଭକ୍ତର ଅନୁନୟବୋଧକରୂପେ ଜଗବନ୍ଧୁ ଜଣାଣ ଚଉତିଶାଟି ସ୍ଥାନ ପାଇଛି । ଚଉତିଶାରୂପେ ଏହାର ବଶିଷ୍ଟତା ଏହି ଯେ ଏହା ୧୭ ପଦରେ ଶେଷ ହୋଇଅଛି ; ଗୋଟିଏ ପଦରେ ଦୁଇଟି ଅକ୍ଷର ମୂଳକ ପାଦ ରହିଅଛି ।

କରମ ବାମ ମୋର — ଅହେ କରୁଣାକର !
କହୁଛି ଅନେକ ପ୍ରକାର
କ୍ଷୀରାର୍ଣ୍ଣବରେ ଘର — କ୍ଷିତି ଭାର ଉଦ୍ଧାର
ଖଗେଶ୍ୱର ନାମ ତୁମ୍ଭର
ହେ ଜଗବନ୍ଧୁ ! । ୧ ।

ଗଜଙ୍କୁ ଯେ ଉଦ୍ଧାର — ଗ୍ରାହକୁ କର ପାର
ଗରୁଡ଼ ପୃଷ୍ଠରେ ବିହାର
ଘୋର ବିପତ୍ତି ହାର — ଘେନ ମନ୍ଦର-ଧର
ଘଡ଼କେ ଇନ୍ଦ୍ରପଦ ଦୂର
ହେ ଜଗବନ୍ଧୁ ! । ୨ ।

ଉଦ୍ଧାର ହେବା ପାଇଁ — ଅଶା ତ୍ରୈଲୋକ୍ୟ ସାଇଁ
ଅଶା ମୋ ପୂର୍ଣ୍ଣ କଲ ନାହିଁ
ଚନ୍ତି ଦ୍ରୌପଦୀ ସଙ୍ଗ — ଚନ୍ତାରୁ ହେଲେ ମୁକ୍ତି
ଗୃହିଁ ଥିଲେ ଲକ୍ଷେ ନୃପତି
ହେ ଜଗବନ୍ଧୁ ! । ୩ ।

ଛପନକୋଟି ଶାଢ଼ୀ ଛମ୍ପା ମାପ୍ତା ସଜାଡ଼
ଛର ଦୁଃଶା ନ ପାରେ କାଢ଼ି
ଯାଏ ଲଙ୍କାରେ ଫେଧ ଯଶ ରଖ ଶ୍ରୀଦର
ଜଗତେ କଲ କେତେ ପାର
ହେ ଜଗବନ୍ଧୁ ! । ୪ ।

ଝୁରେ କପୋତୀ ପର ଝୁରି ଝୁରି ସୁମର
ଝିମିଟେ ନ ଶୁଣ ଗୁହାର
ଞଟରେଖ ପ୍ରାଣୀ ମୁହିଁ ନାହିଁ ସାହା ମୋ କେହି
ନ କଲ ଭରୁ ମୋତେ ଶାହି
ହେ ଜଗବନ୍ଧୁ ! । ୫ ।

ଟାଣ ଭାଙ୍ଗ ଶ୍ରୀଧର ଟଳାଅ ମେରୁବର
ଟିକାଏ ନ ଦଅ ଉତ୍ତର
ଠାବ ପାଇଲି ନାହିଁ ଠାକୁର ଲକ୍ଷ୍ମୀସାଇଁ
ଠିକେ ମୁଁ ଜଣାଣ କରଇ
ହେ ଜଗବନ୍ଧୁ ! । ୬ ।

ଡାକନ୍ତି ବେଦବର ଡାକ ଶୁଣି କଣ୍ଠୀର
ଡେଇଁ ତ ପଡ଼ିଲ ଜଳର
ଢଳ ମଛ ଅକାର ଢାଳେ ଅସୁର ମାର
ଢାଳେ ତୋଷିଲ ବେଦବର
ହେ ଜଗବନ୍ଧୁ ! । ୭ ।

ଅନନ୍ତ ଯା ନାମନ୍ତ ବେଦେ ନ ପାନ୍ତି ଅନ୍ତ
ଅରେଷଜନନକୁ ତାର ତ

ତେଣୁ ଭରସା ପାଇ ତରିବି ବୋଲି ମୁହିଁ
ତଳେହେଁ ଦୟା କଲ ନାହିଁ
ହେ ଜଗବନ୍ଧୁ ! । ୮ ।

ଥିର ଜଳରେ ମୁହିଁ ଥକିତେ ଅଛୁ ରହି
ଥୟ ମୋ ବୁଦ୍ଧି ଦିଅ ନାହିଁ
ଦାତା କର୍ଣ୍ଣ ଦୁଆର ଦାନ ନେଲ ଶ୍ରୀଧର
ଦେଲା ପୁତ୍ରକୁ ମାରି ତାର
ହେ ଜଗବନ୍ଧୁ ! । ୯ ।

ଧରି ବାମନ ରୂପ ଧୀରେ ବଳିଙ୍କ ଗୃପ
ଧାସ୍ତି ରହିଲେ କଲ୍‌କଲ୍‌
ନୃସିଂହ ରୂପ ଧରି ନଖେ ହିରଣ୍ୟ ଚିରି
ନିଦାନ ବିପତ୍ତିରୁ ତାରି
ହେ ଜଗବନ୍ଧୁ ! । ୧୦ ।

ପ୍ରହ୍ଲାଦ ରଖିଲ ପ୍ରଭୁ ସଦୟ ହେଲ
ପାପୀ ହିରଣ୍ୟ ସ୍ୱର୍ଗ ନେଲ
ଫାନ୍ଦ ଯେ ଅଛି ମୋତେ ଫନ୍ଦା ଚରଣାଶ୍ରିତେ
ଫାନ୍ଦୁ ମୁଁ ତରିବି କେମନ୍ତେ
ହେ ଜଗବନ୍ଧୁ ! । ୧୧ ।

ବାମ କରମ ପୁଣି ବନ୍ଧୁ ଦେଲ କଷଣ
ବହୁ ତ କରୁଛୁ ଘଟଣ
ଭାଙ୍ଗିଲ ଲଙ୍କା ପୁର ଭ୍ରାନ୍ତ ଯେ ଦେବଙ୍କର
ଭୟରୁ କରିଲ ନିବାର
ହେ ଜଗବନ୍ଧୁ ! । ୧୨ ।

ମଲେ ରାବଣ ବଂଶ ପଛିରୁ ଗଲା ନାଶ
ମୋତେ ତ କରଲ ନାଶ

ଜାତ ତ ମଥୁରା ଅର୍ଥ ଯା ନାମ ଲକ୍ଷ୍ମୀକାନ୍ତ
ଯଶୋଦାଙ୍କର ହେଲ ସୁତ
ହେ ଜଗବନ୍ଧୁ ! । ୧୩ ।

ରହିଲ ଗୋପପୁର ରସିକ ଦାମୋଦର
ରସେ ମୋହିଲ ନାରୀନର
ଲବଣ୍ୟବଣ୍ୟ ମୂର୍ତ୍ତି ଲକ୍ଷ ଲକ୍ଷ ଯୁବତୀ
ଲୋଭେ କରିଲେ ପ୍ରାଣପତି
ହେ ଜଗବନ୍ଧୁ ! । ୧୪ ।

ବୃନ୍ଦାବନରେ ବାସ ବାମାଙ୍କୁ ଦେନ ବଶ
ବାଲ୍ୟକାଳରେ କଲ ରାସ
ସାରଙ୍ଗ ଧାରୀ ହର ସଂସାରୁ କର ପାର
ଶୋକେ ମୁଁ ଯାଉଅଛି ସର
ହେ ଜଗବନ୍ଧୁ ! । ୧୫ ।

ଶୋକ ମୋତେ ପଡ଼ିଣ ସରଯାଉଛି ପୁଣ
ଶ୍ରୀଧର ଭୁଞ୍ଜେ ନ ଭଜଣ
ଶିବ ବ୍ରହ୍ମା ଅଦୃଶ୍ୟ ସେବା କରନ୍ତି ନିତ୍ୟ
ସିଦ୍ଧ ଯେ ହୋଇବା ନିମନ୍ତ
ହେ ଜଗବନ୍ଧୁ ।! ୧୬ ।

କ୍ଷୁଦ୍ରମ୍ଭେ ମୋ ବିଗ୍ରର   କ୍ଷୁଦ୍ରୀବେଶ ତ ପାର
କ୍ଷୀଣ ମୋ କର୍ମଙ୍କୁ ଦୂର
ଯେମେ ସାଧୁ ଭଣଇ   କ୍ଷମାକାଣ୍ଡ ଧାର୍ଯ୍ୟ
କ୍ଷମା କରିବେ ଭାବଗ୍ରାହୀ
ହେ ଜଗବନ୍ଧୁ ! । ୧୭ ।

ସୀତାନୁଚିନ୍ତା ଚଉତିଶା

ଙ୍କଷ୍ଟାଙ୍କ ଜଣାଯାଏ ଏ ଚଉତିଶା ଅତି ପ୍ରାଚୀନ । ବାଲ୍ୟକାଳରୁ ଆମ୍ଭମାନଙ୍କ ଘରେ ଏହାର ସ୍ଥାନ ଅଛି ଉଚ୍ଚରେ । ଏଥିର ଶବ୍ଦଜାଲ ପ୍ରଭାବ ପାଠକ ମନରେ ସୀତାଚରିତ୍ର ସମ୍ବନ୍ଧରେ ଅତି ଅନୁର୍ବୃତ୍ତେ ପ୍ରକାଶିତ ହେବ ।

କମଳମୁଖୀ ସୀତା ରାମ ବିହୁନେ
କରନ୍ତି ବସି ଚିନ୍ତା ଅଶୋକବନେ ଯେ ।
କାହୁଁ ପାଇବି ଆଉ ପ୍ରଭୁଙ୍କ ମୁଖ
କର୍ମେ ବିଧାତା ଲେଖିଥିଲା ଏ ଦୁଃଖ ଯେ । ୧ ।

ଖେଦରେ ସିନ୍ଧୁ ତରିବେ ସେ କେମନ୍ତେ
ଖଳ ଦଇତ ହରି ଆଣିଲା ମୋତେ ଯେ ।
ଖାଇବି ବିଷ ନାହିଁ ଜୀବନେ ଆଶ
ଖଣ୍ଡିଲା ବିହି ମୋତେ ଖାଇବା ଗ୍ରାସ ଯେ । ୨ ।

ଗୁଣନିଧିଙ୍କି ହେଲା ମନ୍ଦର ଅତି
ଗୃହ ଅଇଲେ ତେଜି କୋଦଣ୍ଡଧାରୀ ଯେ ।
ଗହନ ବନେ ସଖା ଭାଇ ଲକ୍ଷ୍ମଣ
ଗଲାରୁ କଣ୍ଠେ ରାମ ହୃଦଭୂଷଣ ଯେ । ୩ ।

ଘଟଣ ଚୂଡ଼ାମଣି ହୃଦବିହାରୀ
ଘେନି ଅଇଲେ ଘରୁ ମୁକ୍ତି ନ ପାରି ଯେ
ଘରକୁ ଗଲେ କସ ବୋଲିବେ ମାତା
ଘେନଗଲ ସଙ୍ଗରେ କାହିଁକି ସୀତା ହେ । ୪ ।

ଙସ୍ତୁର ବାଣୀ ରାମ ବଚନ ସତ୍ୟ
ଙଷ୍ଟେ ପାଳବେ ସ୍ୱାମୀ ପିତାଙ୍କ ବ୍ରତ ଯେ
ନ ଯିବେ ଅଯୋଧାକୁ ନୋହିବେ ଶାନ୍ତି
ଙପ୍ରମ କରଛନ୍ତି ଛୁଇଁଣ ଦେବା ଯେ । ୫ ।

ଚନ୍ଦ୍ରବଦନ ନବଦଳ କମଳ
ଚନ୍ଦ୍ରକୁ ଜିଣି ଶୋଭା ମୁଖ ମଣ୍ଡଳ ଯେ
ଚାହିଁବ ନାକ ଆଉ ପ୍ରଭୁଙ୍କ ମୁଖ
ଚନ୍ଦ୍ର ବିବାଦେ ଯେସନେ କୁମୁଦ ମୁଖ ହେ । ୬ ।

ଛଳିଲା ରାତ୍ରଚର ଛୁଆ ହରଣ
ଛଟକ ଗଲା ରାମ ମନ୍ଦିର ଠାଣ ଯେ
ଛଳିଲ ଗୁଣନିଧି ଗୁଣଚା ମଣି
ଛଡ଼ାଏ ସଙ୍ଗ ମୋତେ ଦଇବ ଆଣି ଯେ । ୭ ।

ଯେବେ ଜୀବନେ ଥିବେ ରାମ ମୋ ଜୀଇ
ଜଣେ ସନ୍ଦେଶ କେହି କହିଲେ ନାହିଁ ଯେ
ଯେଣେ ଚାହିଁବ ତେଣେ ସମସ୍ତେ ପର
ଜଣେ ଏଥିରେ କେହି ନାହାନ୍ତି ମୋର ଯେ । ୮ ।

ଝୁରୁ ଯେ ଥିବେ ରାମ ସେନ ଲକ୍ଷ୍ମଣ
ଝୁରୁ ଝୁରୁ ଯେ କାନ୍ତ ହୋଇବେ କ୍ଷୀଣ ଯେ
ଝେମଣ୍ଟେ ରାମ ମୋତେ ନ ପାରେ ମୁର୍ଚ୍ଛି
ଝାଡ଼କୁ ଆଣି ରହି ବାଦେ ଲାଗିଛି ହେ । ୯ ।

ନିର୍ମଳ ଶ୍ୟାମ ମେଘ ପ୍ରାୟେକ ତନୁ
ନୀଳ କୁନ୍ତଳ ତାଙ୍କ ବାସବ ଧନୁ ଯେ

ନୟନ ବେନି ଚନ୍ଦ୍ର ସୂର୍ଯ୍ୟ ଯେସନ
ନାହିଁ ଭୁଲ ଦେବାକୁ ତିନି ଭୁବନ ଯେ । ୧୦ ।

ଠାକୁ-ତମାଳ-ବର୍ଣ୍ଣ ବିନୋଦ ଯେତେ
ଠଙ୍କ ଧରି-ଅଳକ ଜାଣନ୍ତି ଚିତ୍ରେ ଯେ
ଠେକ କାହାକୁ ହସି କହିବେ କଥା
ଠାକ ବିଧାତା ମୋତେ ଦେଲା ଅବସ୍ଥା ଯେ । ୧୧ ।

ଠିକ ଲାବଣ୍ୟ ଚନ୍ଦ୍ର ପୂର୍ଣ୍ଣ ଶ୍ରୀମୁଖ
ଠିକେ ଦେଖିଲେ ଯିବ ଅଶେଷ ଦୁଃଖ ଯେ
ଠୁଲନାଧିକ ଆନ୍ତ ସଟ ପାଇବ
ଠିକ ବେଦନା ଯେତେ ସବୁ କହିବ ଯେ । ୧୨ ।

ଡଙ୍କର ଦୈତ୍ୟ ମୋତେ ଘେରିଲ ଆଣି
ଡରାଇ ବୋଲେ ମୋର ହୁଅ ଘରଣୀ ଯେ
ଡାକ ଅସୁର ମୋତେ ଜଗାଇ ବାଠ
ଡାକିନୀ ପ୍ରାୟେ ଜଗିଛନ୍ତି ସମସ୍ତ ଯେ । ୧୩ ।

ଢୋକିବି ବିଷ ମୁଁ ଯେ ମରିବି ବୋଲି
ଢାଳି ପଡ଼ିବେ ରାମ ଖେଦେଣ ଧାଇଁ ଯେ
ଢମ ପସରା ସେନା କ୍ଷଣକେ ଯିବ
ଢମ ଗଳିବ କାଳେ କାଳେକ ଥିବ ଯେ । ୧୪ ।

ଅରୁଣ ତେଜ ରାମ ଅନନ୍ତ ମୂର୍ତ୍ତି
ଅଇତ ବଳ ସିଦ୍ଧ ବିକ୍ରମ ଗତି ଯେ
ଅଲ୍ପେ ଭଲ ମୋତେ ନ ଥିଲେ ରାମ
ଆସି ଦେଖନ୍ତୁ ନାହିଁ ଏ ଲଙ୍କାଗ୍ରାମ ଯେ । ୧୫ ।

ତାଳୁରେ ଚଢ଼ ରାମ ଛନ୍ଦେ ବାନ୍ଧେଣି
ତୁଲ୍ ଦେବାକୁ ନାହିଁ ଭୁବନ ତଳ ଯେ
ତୁଟିଲେ ନ ପାଶ ମାୟା କଲୁ ଦଗଧ
ତରଣି ପ୍ରାୟେ ରାମ ମଣେ ଜଗତ ଯେ । ୧୬ ।

ଥିବେ ଯେବେ ଶ୍ରୀରାମ ଜୀବନେ ରହି
ଥଳ କରିବେ ସିନ୍ଧୁ ବନ୍ଧ ବନ୍ଧାଇ ଯେ
ଥିବେ ଯେମନ୍ତେ ଭଲେ ଲକ୍ଷ୍ମଣ ବୀର
ଥାନ ମରମ ଖୋଜି ବନ୍ଧିବେ ଶର ଯେ । ୧୭ ।

ଦଇବ ଘଟିତ ଯେବେ ହୋଇବ ସାହ୍ୟ
ଦେଖୁ ଦେଖୁ ତୁ କେଣେ ଯିବୁ ପଳାଇ ଯେ
ଦହିଣ ଲଙ୍କାଗଡ଼ ନେବେଟି ମୋତେ
ଦାଶରଥିର ବାଣ ଖାଇବ ତୋତେ ଯେ । ୧୮ ।

ଧିକ ତୋ ବୁଦ୍ଧି, ବଳ ଧିକ ତୋହର
ଧଇର୍ଯ୍ୟନାଥ ଭୁଲେ ହେଲୁ ବଇର ଯେ
ଧରମ ତୋତେ ଆଉ ସହିବ ନାହିଁ
ଧରଣୀଧରଙ୍କୁ ତୁ ଚହ୍ନିଲୁ ନାହିଁ ଯେ । ୧୯ ।

ନିର୍ମଳ ନିର୍ବିକାର ପ୍ରଭୁ ଶ୍ରୀରାମ
ନାମ ଧଇଲେ ଯାର ନ ଦଣ୍ଡେ ଯମ ଯେ
ନ ଜାଣି ରାମଚନ୍ଦ୍ରେ ଯେମନ୍ତେ କଲେ
ନାରିଚଘାତେ ଖର ଦୂଷଣ ମଲେ । ୨୦ ।

ପାଇବେ ନିଜ ଭେଟ ପ୍ରଭୁ ଶ୍ରୀରାମ
ପ୍ରତେ ଏମନ୍ତେ ପ୍ରିୟେ ନାହିଁ ମୋ ମନ ଯେ.

ପଡ଼ିଲୁ ବନ୍ଦୀ ଆସି ଅସୁର ଘରେ
ପାର କରଣ ଏଥୁ କେବେହେଁ ବାରେ । ୨୧ ।

ଫେଡ଼ କାହାକୁ ହେବି କହିବ କଥା
ଫିଟାଇ କେହ୍ନୁ ମୋର ବାନ୍ଧବ ମଥା ଯେ
ଫାଟି ନ ଯାଇ ଜୀବ ଅଛି ଶରୀରେ
ଫଟୁ ଯେ ଥାଇ ମୋର ହୃଦ ଭିତରେ । ୨୨ ।

ବାରୁ ବିଧାତା ମୋତେ ଏହା ଯେ କଲା ।
ବାଟେ ବସାଇ ମୋର ତୋଟି କାଟିଲା
ବୁଝି ତ ଆଉ ମୋତେ ଦେଶଇ ନାହିଁ
ବନରେ ବୁଲୁଥିବେ ଦେଗୋଷ୍ଟି ଭାଇ । ୨୩ ।

ଭଲ ବିଧାତା ମୋତେ ଏହା ଯେ କଲା
ଭଗାରୀ ପ୍ରାୟେ ଧୋଇ ବାଟେ ଲାଗିଲା ଯେ
ଭାଇ ଭାରିଜା ଯେନ ରାମ ଅଇଲେ
ଭଣେ ନନ୍ଦରକ୍ଷ ଘୋରବନେ ରହିଲେ ଯେ । ୨୪ ।

ମନର ମନ ଜାଣି ହୃଦ ଭୂଷଣ
ମାଲ୍ୟବନ୍ତ ପର୍ବତେ ସାଜିଲେ ସୈନ୍ୟ ଯେ
ମିତ୍ରଙ୍କୁ ଶୁହିଁ ରାମ ବୋଲନ୍ତି ବାଣୀ
ମନ ନ ରହେ ଯିବା ସାହେବର ଛଣେ ଯେ । ୨୫ ।

ଯାଉ ପବନ-ସୁତ ଆଣୁ ବାରତା
ଯାହା କହିବ ଆମ୍ଭ ଜନକ-ସୁତା ଯେ
ଜୀବର ଜୀବ ମୋର ପ୍ରାଣର ଧନ
ଯାଉ ପବନ ସୁତ ଆଣୁ ବହନ ଯେ । ୨୬ ।

ରାଘବ ତେଜେ ରାମ ସନ୍ଦେଶ ଘେନି
ରବି ଉଦୟେ ଗଲେ ସାହେର ଛଣି ଯେ
ରାବଣ ଲଙ୍କାଗଡ଼ ସବୁ ଖୋଜିଲା
ରାମରାଣୀ ଅଶୋକ ବନେ ଭେଟିଲା ଯେ । ୨୭ ।

ଲୁଳିତ ହୋଇ ହନୁ ଚରଣେ ପଡ଼ି
ଲଳାଟେ କହେ ବେନି କରକୁ ଯୋଡ଼ି ଯେ
ଲକ୍ଷ୍ମଣ ରାମ ଦେଇଛନ୍ତି ବାରତା
ଲେଉଟି ଯିବ ସନ୍ଦେଶ ଦିଅ ସୀତା ଯେ । ୨୮ ।

ବିନତି ହୋଇ ହନୁ ସମ୍ମୁଖେ ଭଣି
ବେଗେ ମେଲାଣି ଦିଅ ଶ୍ରୀରାମ-ରାଣୀ ଯେ
ବେଣିଅଇଣ ମଣି ଦେଲେକ ସୀତା
ବୋଇଲେ ହନୁ ମୋର ଦେଖ ଅବସ୍ଥା ଯେ । ୨୯ ।

ଶ୍ରୀରାମ ମଣି ଘେନି ହନୁ ଗମିଲା
ସରଣୀ ଲତା ମଧ୍ୟେ ବନେ ମିଳିଲା ଯେ
ସୁସ୍ୱାଦୁ ଫଳ ମୂଳ ତୋଳି ଭକ୍ଷଇ
ଶୀଘ୍ରେ ମାଇଲା ଲକ୍ଷେ ଅସୁରେ ଯାଇ ଯେ । ୩୦ ।

ସୁର ଅସୁରେ ଯାଇ କଲେ ଅନୀତି
ଶାଙ୍କୋଳ ପଦେ ଘେନି ଗଲେ ମାରୁତି ଯେ
ଶ୍ରୀରାମ ସୁମରନ୍ତେ ବନ୍ଧନ ଫିଟି
ସୁବଳ ପରବତେ ରହିଲେ ରାତି ଯେ । ୩୧ ।

ସାତସଢ଼ି ଉଡରେ ସାହେର ଗଲା
ସାତ ବୀରଙ୍କୁ ଯାଇ ଦର୍ଶନ କଲା ଯେ

ଶୁଣିଣ ଅଠବାର ହୋଇଲେ ମେଳ
ସନ୍ତୋଷେ ମଧୁବନ ଖାଇଲେ ଫଳ ଯେ । ୩୨ ।

ହସ ଶବଦ କର ଚଳିଣ ଗଲେ
ହରଷେ ରାମପାଦେ ଦର୍ଶନ କଲେ ଯେ
ହରଷ ହେଲେ ଦେଖି ସୁଗ୍ରୀ ରାଜନ
ହରଷେ ରାମପାଦେ କଲେ ଦର୍ଶନ ଯେ । ୩୩ ।

ଛଳଛନ୍ଦେ ହନୁମନ୍ତ କହେ ବାରତା
ଯେମନ୍ତେ ବର୍ତ୍ତିଛନ୍ତି ଜନକସୁତା ଯେ
ଛିତ ଭଗ୍ନାନ୍ତ ନେଇ ବୁଝାଇ ନୀତ
ଯେମନ୍ତେ ମଙ୍ଗରାଜ ସେବେ ପଦ୍ମର ଯେ । ୩୪ ।

ରାମଚନ୍ଦ୍ର ଜଣାଣ ଚଉତିଶା

ଏମତର ଜଣାଣ ସାଳକୃଷ୍ଣଙ୍କ ଅର୍ଜ୍ଜୁନାଣ ଚଉତିଶାର ଅନୁକରଣରେ ଲେଖା ହୋଇଅଛି । ଏହା ଏହି ଚଉତିଶା ନୁହେଁ ଆମୋଦ ସରବଶିଷ୍ଟ ଅନେକ ଜଣାଣ ଅର୍ଜ୍ଜୁନାଣ-ଚଉତିଶା ନାମରେ ଛପା ହୋଇଥିବାର ଦୃଷ୍ଟ ହୁଏ ।

କରପତ୍ର ଯୋଡ଼ିଣ କହଇ ଦୀନଜନ
ହେ ପ୍ରଭୁ କୌଶଲ୍ୟା ନନ୍ଦନ !
କଷ୍ଟ ତ ଦେଖ ନେତ୍ରେ କହି କହ୍ମାଇ ମୋତେ
ତୁମହେ ନୋହେ ଅବଧାନ ହେ
ରାମଚନ୍ଦ୍ର !
କୃପା କ ନାହିଁ ଏବେ ଆଉ
ହୀଣ ଭୃତ୍ୟଙ୍କୁ ଏଡ଼େ ଦାଉ
କା'ଆଗେ ଆଉ ଦୁଃଖ କହିବ ମୁଁ ନରେଶ
ଭରସା ତୁମ୍ଭେ ଥାଉ ଥାଉ । ୧ ।

ଖିତି ମଣ୍ଡଳେ କେହି ମୋ ପରି ଜଣେ ନାହିଁ
ଏଡ଼େ କର୍ମହୀନ ପତିତ
ଯେବେ ମୁକୁଟ ମଣି ଦାତାପଣ ମୁଁ ଜାଣି
ତୁମ୍ଭଙ୍କୁ କରଛୁ ଆଶ୍ରିତ ହେ
ରାମଚନ୍ଦ୍ର !
ଖଣ୍ଡନ କର ମୋର କ୍ଲେଶ
ଖିତିରେ ଖ୍ୟାତ ହେଉ ଯଶ

ଖଣେ ଯେବେ ଅନ୍ତର   କରବ ଧନୁର୍ଦ୍ଧର
ଖିପୁରେ ନାହିଁ ମୋତେ ବାସ ହେ ।୨।

ଗରିଷ୍ଠ କଷ୍ଟମାନ   ଘଟରେ ସାବଧାନ
ନଷ୍ଟ କରନ୍ତି ପଣେ ବଳେ
ଗଣ୍ଡାକର ମହିମା   ଥିଲା ପର ମଣିମା
ଜଣା ନ ଯାଏ ଏତେବେଳେ ହେ
ରାମଚନ୍ଦ୍ର !
ଗୁହାରି ଯେବେ ନ ଶୁଣିବ
ଗୁପ୍ତ ମହିମା ନଷ୍ଟ ହେବ
ଗରବ ଦବାନଳେ   ତୁମ୍ଭର ଗୁଣ ଘୋଷି
ଚନ୍ତାରେ ପ୍ରାଣ ହରାଇବ ହେ ।୩।

ଘଟଣ ଚନ୍ଦ୍ର ମୁଖ   ଦର୍ଶନ ମାତ୍ରେ ଦୁଃଖ
ଦୂରତ ଦୂର ହୋଇଅଛି
ଘୋର ଦୁଃଖ ବେଳକୁ   ମୋହ ଭଣା କର୍ମକୁ
ସେ ଫଳ ନ ଘଟଇ କଛି ହେ
ରାମଚନ୍ଦ୍ର!
ଘୋଟିଲା ଦଶା ବେଳୁ ବେଳ
ଘୂର୍ଣ୍ଣ କି ଯିବ ଅଉ କାଳ
ଘେନ ସେ ଯିବ କାୟା   ଜୀବ ସହିତେ ଦୟା
ନକଲ ଦେଖି ମୋ ବିକଳ ହେ ।୪।

ଙ୍ଗୁଣ ଜଗତକୁ   କର ପ୍ରାଣୀ ମାନଙ୍କୁ
ଅଦ୍ଧର୍ମେ କର୍ମ ଦେଇ ପାର

ଊଣା ନୋହେ ଯା ଦଶା   ତୁମ୍ଭେ ଥାଉ ଭରସା
ଏହା ମୁଁ ମଣେ ଚମତ୍କାର ହେ
ରାମଚନ୍ଦ୍ର !

ଉପାୟ ନାହିଁକି ତୁମର
ଊଣା ବୁଦ୍ଧି ମୋଠାରେ କର
ଉଚିତ ନୋହେ ଆଉ   ଏ କଥା ମହାବାହୁ
ଦାସରେ ନିର୍ଦ୍ଦୟା ହେବାର ହେ । ୫ ।

ଚତୁର୍ଦ୍ଦଶ ପୁରରେ   ଶରଣ ଯେ ଯାହାରେ
ସେ ତାହା ବିପଦ ଖଣ୍ଡୁଛି
ଚଇକୂଠ ବାହାସ୍ଥି   ଏମନ୍ତେ ତୁମ୍ଭ ପଣ
ନେ କାହା ତଥ୍ୟକୁ ଦଣ୍ଡୁଛି ହେ
ରାମଚନ୍ଦ୍ର !

ଚିତ୍ତେ ନ କଲ ଏ ଭାବନା
ଶୂକର ଠାରେ କି ବିମନା
ଚତୁର୍ବର୍ଗ ଦାୟକ   ବୋଲି ଏ ସୃଷ୍ଟି ଯାକ
ଉଡୁଛି ପରା ତୁମ୍ଭ ବାନା ହେ । ୬ ।

ଛପନ କୋଟି ଜୀବ—   ଜନ୍ତୁ ଯେତେକ ସବୁ
ପାଳନ କରୁଛ ଏହାଙ୍କୁ
ଛୋଟ କଥରେ ଯାହା   ଅପଣ ନୋହୁ ସାହା
ଚିନ୍ତା ପଡୁଛ ମୋ ବେଳକୁ ହେ
ରାମଚନ୍ଦ୍ର !

ଛପି ଯିବନ୍ତି ଯଶ-ବାନା
ଛାମୁରେ କରୁଛି ପ୍ରାର୍ଥନା
ଛନ ଘଡ଼ି ଚନ୍ଦ୍ରରୁ   ହେ ବାଞ୍ଛା-କଳ୍ପତରୁ
ମୋର ଜଣାଣ କର ଘେନା ହେ । ୭ ।

ଜମ୍ବୁ ଜମ୍ବୁ ନିଶାଣ   ବାଜୁଛି ଯା ନାମେଣ
ଅସୁର ବଳ ନାଶିବାରେ
ଯମ ଗଞ୍ଜନ କଷ୍ଟା   ଦଣ୍ଡରୁ ମୋତେ ରକ୍ଷା
ତୁମ୍ଭ ବିନା କେ କରି ପାରେ ହେ
ରାମଚନ୍ଦ୍ର !
ଜଳ ବିହୁନେ ଯେସନେ ମୀନ
ସେସନେଁ ଗୃହକର ଘନ
ଯଥାର୍ଥ ସେହିପରି   ତୁମ୍ଭଙ୍କ ଅନୁସରି
ରହୁଛି ମୋହର ଜୀବନ ହେ । ୮ ।

ଝଙ୍କାରେ ଅରତ   ହୋଇ ଗୃହୁଁ ଗୃହୁଁ ଘ
ବୁଡ଼ୁଛି ଶୋକ-ଜଳେ ଭେଳା
ଝଟତି ମୋ ଗୁହାରି   ଶୁଣି ହୋ ଦୟାଧାର !
ଦଣ୍ଡେ ନ କର ଆଉ ହେଳା ହେ
ରାମଚନ୍ଦ୍ର !
ଝଳି ଯାଉ ମୋ ବାଞ୍ଛା ଫଳ
ଝାଙ୍କି ନେବେଟି ଶତ୍ରୁ ଦଳ
ଝୀନ ପ୍ରମାଣେ ପୁଣି   ନିରେଖିଲୁ ଶରଣ
ରକ୍ଷଣେ ହେବ କାହିଁ ବଳ ହେ । ୯ ।

ନିୟମ କରିଛ ପରା   ତୁମ୍ଭେ କୋଦଣ୍ଡଧରା
ହେବ ବୋଲି ଭୃତ୍ୟଙ୍କୁ ସାହା
କୋଟିହେ ତ ଏହା ମିଛ   ଶ୍ରୀମୁଖରେ କହିଛ
ଏବେ କପାଁ ଲଘିଲ ତାହା ହେ
ରାମଚନ୍ଦ୍ର !

ନିଜେ ନିୟମ ଲଘିଛି ଯେବେ
ଜଗା ନୋହିବ ସ୍ଥିର ତେବେ
ନିଶାମଣି, ସାଗର,   ବାସୁକି, ସ୍ଥାବର
ଏ କପାଁ ସତ୍ୟ ନ ଲଘିବେ ହେ । ୧୦ ।

ଟଳିଲେ ଯାହାଙ୍କ ଭାଷ   ତାହାଙ୍କୁ କି ବିଶ୍ୱାସ
କରିଣ ମନ୍ତ୍ର ପଢ଼ିତେ
ହିଙ୍କ ଏ ଆହାରଷ   ନୋହିବାରୁ ପ୍ରତ୍ୟକ୍ଷ
ଦେଖି ମୁଁ ବିସ୍ମରଇ ଚିତ୍ତେ ହେ
ରାମଚନ୍ଦ୍ର !

ତେଙ୍କ କହିଛି ଶାସ୍ତ୍ରେ ଯେତେ
ଟାଣୁଅ ବୋଲି ଏ ଜଗତେ
ହାଣି ମହିମା ଅଛେ   ସାକ୍ଷାତ ନୟନରେ
ନ ଦେଖିଲେ କେ ଘିବ ପ୍ରତେ ହେ । ୧୧ ।

ଠକାଯିଣ ନ କର   ମୋ ଠାରେ ପୀତାବର
ନାହିଁଟି ମୋର ଅନ୍ୟ ଗତି
ଠାବ ଦେଇ ମୋ ଜୀବ   ରଖ ଦୀନବାନ୍ଧବ
ଧାଗତେ ଚନ୍ଦ୍ର ଏ ଭାରତି ହେ
ରାମଚନ୍ଦ୍ର !

ଦୋଷ ନ ମଣ ଏହୁ ଅର୍ଥ
ହେଲେ ଏ ମୁହିଁକ ବ୍ୟର୍ଥ
ଠିକେ ତ୍ରିଭୁବନ ଭିତରେ   ତୁମ୍ଭ ବିନା କେ ଜଣେ
ମୋ ଦୁଃଖ ନେବାକୁ ସାମର୍ଥ୍ୟ ହେ । ୧୨ ।

ଭରି ମୁଁ ପ୍ରମାଦକୁ   ତୁମ୍ଭ ପଦ୍ମପାଦକୁ
ଆଗହୁଁ ଥିଲି ଅନୁସରି
ଛାଡ଼ି ଛାଡ଼ି ପଥର   ହୋଇ ଏବେ ଏଥର
ତୁମ୍ଭ ବନ୍ଧନେ ଗଲି ସରି ହେ
ରାମଚନ୍ଦ୍ର !
ଡେରି କର୍ଣ୍ଣ ନ ଶୁଣ ବାରେ
ଡାକିଲେ ଯେତେ ବାରୁବାରେ
ଭାଳି ପଟରେ ରଖାଇ   କୋପେ ଖଡ୍ଗ ଉଞ୍ଚାଇ
ରହିଲ ମୂଳ ଛେଦିବାରେ ହେ । ୧୩ ।

ଭ୍ରମ କରେ ମୁଁ ଯେତେ   ଏକା ତୁମ୍ଭ ନାମନ୍ତେ
ସଙ୍କଟ କଲି ଅକାରଣ
ଛୁଟୁଛି ଆସି ମୋତେ   ଦୁଃଖ ସନ୍ତାପ ଯେତେ
ତାହା ନ କଲ ନିବାରଣ ହେ
ରାମଚନ୍ଦ୍ର !
ଜଳି ପଡ଼ୁଛି ଦାବାନଳେ
ଗାଲେ ତହିଁ ସର୍ବାଙ୍ଗ ଜଳେ
ଢାଳ କରୁଣା-ଜଳ   ଏ କ୍ଷଣରୁ କାଳ
ଜୀବକୁ ଯେମନ୍ତ ଯାଉ ବଳେ ହେ । ୧୪ ।

ଅଣଆୟତ୍ତ ହୋଇ   ଅଛୁ ତୁମ୍ଭଙ୍କୁ ଧ୍ୟାୟି
ସଦୟେ ହର ମୋ ଦୁର୍ଦ୍ଦଶା
ଅଣାଶ୍ରୟ ପ୍ରାଣୀଙ୍କ   ମନ ଯାଞ୍ଚି ଏଣିକି
ନ କର ଆଉ ଲୋକହସା ହେ
ରାମଚନ୍ଦ୍ର !
ଅଣହେଳା ତୁମ୍ଭର ଦେଖି
ଏଣେ ମୋ ଆତ୍ମା ଯାଏ ଶୁଖି
ଅଣ୍ମାନେ ସଦୟା   ନ କଲେ ଏବେ ମାୟା
କର କି କଷା ମନେ ରଖି ହେ । ୧୫ ।

ଡକାଇ ରହିଅଛୁ   ତୁମ୍ଭଙ୍କୁ ରଘୁବନ୍ଧୁ !
ସଙ୍କଟୁ ପାର ହେବା ପାଇଁ
ତତ୍କାଳେ ଦୁଃଖ ମୋତେ   ଉଦ୍ଧରିବାରେ ଏବେ
ଉଚ୍ଛୁର କରୁଛ କପାଇଁ ହେ
ରାମଚନ୍ଦ୍ର !
ଚାହିଁଛ କେତେ ପତିତଙ୍କୁ
ଛୁଟାଇ ଦିଅ ଏ ଘାତକୁ
ଦେଖଣି ମଣ୍ଡୁ ରାଟ   ପ୍ରସନ୍ନ ହୋଇ ବେଗ
କି ରୂପେ ନାଶ ମୋ ଆର୍ତ୍ତିକୁ ହେ । ୧୬ ।

ଥୟ ଆଉ ଏ ଚିତ୍ତ   ନୁହଇ କଦାଚିତ
ଅଥୟ ହୋଏ ବିଷୟାରୁ
ଥଳକୂଳ ନ ଦିଶେ   ଭାସୁଛି ଚିନ୍ତାଜଳେ
ଏକା ତୁମ୍ଭର ନିର୍ଦ୍ଦୟାରୁ ହେ
ରାମଚନ୍ଦ୍ର !

ଥଳ ମୋ ପାଇଁ ଯେବେ ଥାନ୍ତା
ଥରେ ସ୍ୱଦୟା ହୋଇଥାନ୍ତା
ଥାଇ ଏ ଦେହଗଡେ   ଜୀବ ଏପରି ଏଡେ
କଷ୍ଟ କିପାଇଁ ସହୁଥାନ୍ତା ହେ । ୧୭ ।

ଦୟା ନ ଗଲା ମନୁ   ଦଶା ଗ୍ରାହିବା ଦିନୁ
ବିନାଶ ନକର ମୋ ବାଧା
ଦାସ ଜନର ଜୀବ   ଛାଡ଼ି ଗଲେ କି ହେବ
ପଶ୍ଚାତେ ଦେବେ ଯେତେ ସୁଧା ହେ
ରାମଚନ୍ଦ୍ର !

ଦାତାପଣ ତ ଜଣାଯିବ
ଦାପ୍ରିକ ସ୍ୱଅର୍ଥେ ନାଶିବ
ଦାସରେ ହେଲେ ବାମ   ଦାସବତ୍ସଳ ନାମ
ବୋଲିଣ କାହିଁ ପ୍ରକାଶିବ ହେ । ୧୮ ।

ଧରାଇ ଶସ୍ତ୍ର ହସ୍ତେ   କପଟ କରି ଏତେ
ଦେଉଛ ସଙ୍ଗେ ଯେଉଁ ସଜା
ଧମକ ଦଣ୍ଡ ଯାହା   ସେ ଶତ୍ରୁଙ୍କର ତାହା
ଦେଉ ଅଛ ମୋ ମହାଦେହେ
ରାମଚନ୍ଦ୍ର !

ଧର୍ମ କଥା ନୁହଇ ଏତ
ଧରିଛ ତୁମ୍ଭେ ଯେଉଁ ମତ
ଧରଣୀରେ ଏପରି   ଭୃତ୍ୟମାନଙ୍କୁ କରି
ଯଶ କି କରିଛ ବିଖ୍ୟାତ ହେ । ୧୯ ।

ନ ଯେନ ଚନ୍ଦ୍ରେ ଛଳ   ଯେ ଯାହା ବାଞ୍ଛା ଫଳ
ଦେଇ ତ ଉଡ଼ାଉଛ ଦଗା
ନାଥ ଯାଉଛ ହୋଇ   ଛୁଞ୍ଛ ଆଜ୍ଞା ନ ଦେଇ
ଦେଉଛ କିଂପା ମୋତେ ଦଗା ହେ
ରାମଚନ୍ଦ୍ର !
ନରେଖ ଡାକିଲେ ନ ଶୁଣ
ନିଷ୍ଠୁର ହୃଦୟ କରଣ
ନଥିଲା ଜଣାମୋତେ   ତୁମ୍ଭଠାରେ ଏମନ୍ତେ
ଅଛି ବୋଲି ତ ଏତେ ଗୁଣ ହେ । ୨୦ ।

ପକାଇ ବନ୍ଧନରେ   ଏବେ ଶାସ୍ତି ଦେବାରେ
ତେବେ ତ ଦୟାକୁ ନ ବନ୍ଧ
ପୀଡ଼ା ପ୍ରତାପ ଛାର   ଘାତ ସହି ନ ପାର
ହଉଛି ବଡ଼ ଅନ୍ତର୍ଦାହ ହେ
ରାମଚନ୍ଦ୍ର !
ପାଉଛି ସବୁଁ ପରାଭବ
ପ୍ରାଣ ଯିବାର ଭଲ ହେବ
ପାଷ୍ଟକର ଏମନ୍ତେ   ପ୍ରଭୁ ! ଖର ପଢ଼ତେ
ମୋରେ କି ପ୍ରଶଂସା ପାଇବ ହେ । ୨୧ ।

ଫଳା ତୁମ୍ଭଙ୍କୁ କର   ହେ ଦେବ ଗୃହଯାତ !
ମୋ ବାଞ୍ଛାଫଳ ନ ଫଳୁଛି
ଫାଟିଲା କି କପାଳ   ନ ଫଳେ ବାଞ୍ଛାଫଳ
ଏହା ମୁଁ ସବଦା ଭାବୁଛି ହେ
ରାମଚନ୍ଦ୍ର !

ଯିକର ଛତ୍ର ଦଣ୍ଡ ନାହିଁ
ଯେଉଁ ଯଶସ୍ୱୀ ଭୂବସ୍ତ୍ରାହି !
ତିଙ୍କଙ୍କ ଜାଣି ଜାଣି   ଶ୍ରୀଚରଣ ଶରଣି
ଏବେ ମୁଁ ଯିବି ଆଉ କାହିଁ ହେ । ୨୨ ।

ବଳବନ୍ତ ଠାକୁର   ବୋଲି ତୁମ୍ଭ ପଛର
ଚଳେ ମୁଁ ପଶିଲି ଶରଣ
ସ୍ୱପଦରୁ ନକର—   ପାରିଲେ ମୋତେ ପାର
ବୃଥା ହେବନ୍ତି ଗୀତପଣ ହେ
ରାମଚନ୍ଦ୍ର !
ବହୁତ ବିଳମ୍ବ ନ କର
ବେଗେ ପ୍ରସନ୍ନେ ଦିଅ ବର
ସ୍ୱନପୁରେ କହୁଛି   ଆପଣା ମୋତେ ଛୁଟି
ନକର ଆଉ ନାରଖାର ରେ । ୨୩ ।

ଭଣ୍ଡାରେ ଯାହାଙ୍କର   ରତ୍ନାଦି ଭରିଭର
ସମ୍ପତ୍ତି ପୂର୍ଣ୍ଣ ହୋଇଥାଇ
ଭାବନା ଚନ୍ଦ୍ରେ କରି   ସେ ମହାପ୍ରଭୁଙ୍କର
ଭୃତ୍ୟଙ୍କ ଦରିଦ୍ର ହୁଅଇ ହେ
ରାମଚନ୍ଦ୍ର !
ଭାବନା ଯନ୍ତ୍ରୁଁ ନ ଫଳୁଛି
ଯୌବନ ଚନ୍ଦ୍ରାରେ ଠେଲୁଛି ।
ଗ୍ରାହୀ ଦୁଃଖ ହେବାରୁ   ଭଂଗାଶିଙ୍କ ଭଙ୍ଗୀରୁ
ଲଜ୍ଜା ତ ମରଣୁ ବଳୁଛି ହେ । ୨୪ ।

ମଙ୍ଗଳ ଦାୟକ ତ   ମୋ ମଙ୍ଗଳ ବାଞ୍ଛିତ
ବେଳକୁ ହୁଅ ଏଡ଼େ ବାମ
ମର୍ତ୍ତ୍ୟପୁରେ ଅପଣ   କେମନ୍ତେ ଧୀନଜନ
ତାରଣ ଖ୍ୟାତ କଲ ନାମ ହେ
ରାମଚନ୍ଦ୍ର !
ମହିମା ନ ଦଶଇ କିଛି
ମାତ୍ର ଦୁର୍ଦ୍ଦଶା ଅହାବଳୁଛି
ମହାପ୍ରଭୁ ବୋଲଣ   ହେଉ ସହୁଛେ ପ୍ରାଣ
ତୁମକୁ ପ୍ରଭୁ ମୁଁ ବଳୁଛି ହେ । ୨୫ ।

ଜଗତେ ଯେତେ ଯଶ   କରଅଛ ପ୍ରକାଶ
ସେ ଯେବେ ସତ୍ୟ ହୋଇଥାନ୍ତା
ଯେତେକ ତାଳିଲଣି   ମୁଁ ନିରାଶ୍ରୟ ପ୍ରାଣୀ
ମୋହୋର ଏ କ୍ଲେଶ କି ଥାନ୍ତା ହେ
ରାମଚନ୍ଦ୍ର !
ଜୀବ ଉଦ୍ଧାର ଲାଗି ଏକା
ଜାଣି ତ ନ ଶୁଣ ମୋ ଡକା
ଜନକସୁତା-ସାଇଁ   ମିଛେ ଉଦ୍ଧା କପାଇଁ
ପତିତପାବନ ପତାକା ହେ । ୨୬ ।

ଚହଲ ଅପଯଶ   ନ ଶୁଣି ଗୁହାର
ଦେଖିବାରୁ ମୋ କର୍ମ ଉଣା
ରାଜ୍ୟେ ତୁମ ଚାକର   କହଣ ପାଇବାର
ଏହା ତ ଶାସ୍ତ୍ରେ ନାହିଁ ଶୁଣା ହେ
ରାମଚନ୍ଦ୍ର !

ରାଜ୍ୟ କରିଣ ବୃଝାମଣା
ରଖିଛୁ ଯଶ ଅକଳଣା
ରାବଣାରି କୃପାଳଁ   ଏତେ କଷଣ ଦେଇ
ନକର ମୋରେ ଅକରୁଣା ହେ । ୧୭

ଲଲାଟେ ଲେଖା ଯେତେ   ଭଲମନ୍ଦ ସହିତେ
ସକଳ ଜାଣି ଆପେ ଲେଖ
ଲଗାଇ ଏତେ ଲୀଳା   ଯେ ଯାହା ଭୋଗ କଲା
ସାକ୍ଷୀଙ୍କ ପ୍ରାୟେ ସବୁ ଦେଖ ହେ
ରାମଚନ୍ଦ୍ର !
ଲେଖିଛ ଲଲାଟରେ ଯାହା
ଲଭିବ ପାଇ ତୁମ୍ଭେ ତାହା
ଲକ୍ଷ୍ୟ ତୁମ୍ଭଙ୍କ କେହୁ   ଅଛୁ ସଂସାରେ ଆଉ
ଶପଥ ବେଳେ ହେବ ସାହା ହେ । ୧୮ ।

ବଢ଼େ ବିପତ୍ତି-ନଦୀ   ବେଳକୁ ବେଳ ବୃଦ୍ଧି
କୃପା ନ କର କୃପାନିଧି
ବର ଯେମନ୍ତେ ପୂର୍ବେ   ଦେଉଥିଲ ଯା ଏବେ
ବୁଡ଼ାଇଲଣି କି ସେ ସିଦ୍ଧି ହେ
ରାମଚନ୍ଦ୍ର !
ବାନା ତ ଅଛୁ କି ନ ଅଛୁ
ବାରଣ ଯାଉନାହିଁ କିଛୁ
ବାଞ୍ଛାନିଧି ଉଦାର   କର ଅବା ନ କର
ତୁମ୍ଭଙ୍କ ଆଶା ତ କରଛୁ ହେ । ୧୯ ।

ଶତ୍ରୁମାନ ପ୍ରହାର ଦୁଷ୍ଟଗଣ ସଂହାର
ପାଳୁଛ କେତେ ସନ୍ଥଜନ
ସର୍ବଦା ଚେଷ୍ଟା କର ସନ୍ଥଜନେ ତୁମ୍ଭର
ନାମକୁ କରନ୍ତୁ ଭଜନ ହେ
ରାମଚନ୍ଦ୍ର !
ସେ ଯାଉଁ ଦୁଷ୍ଟମାନେ ଥାନ୍ତି
ସେ ଯେ ତୁମ୍ଭଙ୍କୁ ନ ଭଜନ୍ତି
ଶାସ୍ତ୍ରେ ତ ଶୁଣାଅଛୁ ଦୋଷଗୁଣ ନ ବାଛୁ
ତାହାଙ୍କୁ ଦେଇଛ ମୁକତି ହେ । ୩୦ ।

ସଜା ନାନା ପ୍ରକାର ହୋଇବା ହେତୁ ମୋର
ଶତ୍ରୁବାଦକୁ ସହାରନ୍ତୁ
ସାହା ତୁମ୍ଭେ କଞ୍ଚନ୍ତେ ନୋହିବାରୁ ତ ମୋତେ
ନ ଦିଶେ ବଞ୍ଚିବା ଉପାୟ ହେ
ରାମଚନ୍ଦ୍ର !
ଶତ୍ରୁ ଏ ନେଲେଣି ମୋ ପ୍ରାଣ
ସର୍ବେ କରନ୍ତି ବଡ଼ ହାଣି
ସେ ହେବା ପାଇଁ ସାରି ଭୃତ୍ୟଙ୍କ ଛଳେ ପରି
ଧରିଛ କରେ ଧନୁର୍ବାଣ ହେ । ୩୧ ।

ସ୍ୱୟଂ ପରମବ୍ରହ୍ମ କ୍ଷଣେ ଯେ ହେଲେ ବାମ
ସୃଷ୍ଟିକି ସଂହାର ପାରନ୍ତି
ସେ ପ୍ରଭୁଙ୍କ ଦାସକୁ ବଳେ ଅସି ପାଶକୁ
ଅବଶ୍ୟ ଲୋକେ କି ମାରନ୍ତି ହେ
ରାମଚନ୍ଦ୍ର !

ସ୍ୱହସ୍ତରେ ଥାଏ କୋଦଣ୍ଡ
ସ୍ୱଦାସ ପାଉଥାଏ ଦଣ୍ଡ
ସେହି କୋଦଣ୍ଡରେଣ   ନାଶ ପରା ରାବଣ—
ବିଶାଦ ପାଇଁ ନାନା ଦଣ୍ଡ ହେ । ୩୨ ।

ହଜି ଗଲାଣି ଜ୍ଞାନ   ହେଲିଣି ମୁଁ ଅଜ୍ଞାନ
ତୁମ୍ଭେ ତ ହେବାରୁ ବିପକ୍ଷ
ହାତ ରହିଲେ ହତ   ମୋ ଶତ୍ରୁଙ୍କୁ ନ ପାରି
ଆଉ କେ ହେବ ମୋ ସୁପକ୍ଷ ହେ
ରାମଚନ୍ଦ୍ର !

ହାଟେ ଏ ଶତ୍ରୁ ଗରିଷ୍ଠଙ୍କୁ
ହର ନ ନେଲେ ମୋ କଷ୍ଟକୁ
ହଷ୍ଠା ଯିବନ୍ତି ବସି   ରାଜ୍ୟେ ଅଯୋଧ୍ୟା ବାସୀ
ହାରିଲ ବୋଲିଣ ଦୁଷ୍ଟଙ୍କୁ ହେ । ୩୩ ।

କ୍ଷମା କର ମୋ ଦୋଷ   ଛାଡ଼ ସକଳ ରୋଷ
ଦିଅ ସୁଜ୍ଞାନ ଉପଦେଶ
କ୍ଷୟେ ଯାଉ ମୋ ପାପ   ସର୍ବ ଶୋକ ସନ୍ତାପ
ବିଶାଦ ଯେତେ ନାନା କ୍ଲେଶ ହେ
ରାମଚନ୍ଦ୍ର !

କ୍ଷାନ୍ତ ହୋଇଲେ ଏ ପ୍ରତିଜ୍ଞା
କ୍ଷମ କେ କରିବ ଅବଜ୍ଞା
କ୍ଷମାନାଥ ଏତିକି   ଅଜ୍ଞାନ ଭୋବନଙ୍କ
ସୁପ୍ରସନ୍ନରେ ଦିଅ ଆଜ୍ଞା ହେ । ୩୪ ।

ବଉଳ ଚଉତିଶା

ଦୀନକୃଷ୍ଣଙ୍କ ବଉଳ ଚଉତିଶା ଓ ଏ ବଉଳ ଚଉତିଶା ଏକ-ଭାବ-ଦ୍ୟୋତକ । ଦୁହିଙ୍କ ଛନ୍ଦ ମଧ୍ୟରେ ସାମଞ୍ଜସ୍ୟ ବର୍ତ୍ତମାନ । ସେହି ଛନ୍ଦସବୁ ଉତ୍କଳୀୟ ପ୍ରାଣରେ ସହଜ ଧର୍ମ ପ୍ରଦାନ କରେ; ବଉଳ ଚଉତିଶା ଛନ୍ଦ ଗ୍ରନ୍ଥସ୍ଥ ହୋଇବ ।

କହିଲ କଥାଏ ଦୂତି ! ଶୁଣ ମୋ ବଚନ
କଦମ୍ବ ମୂଳରେ ଗୋ
ବଉଳ !
କମଳ ଲୋଚନ ଗୋ
ବଉଳ ! । ୧ ।

ଖଣ୍ଡେ ଦୂରୁ ଦେଖିଲି ମୁଁ ତାହାର ବେଶକୁ
ଖଞ୍ଜିଛି କଟାକ୍ଷ ବାଣ ଗୋ
ବଉଳ !
ମରମ ସ୍ଥାନକୁ ଗୋ
ବଉଳ ! । ୨ ।

ଗିଆନ ହରାଇଣ ସଖି! ହୋଇଲି ମୁଁ ବାଇ
ଗୋବିନ୍ଦଙ୍କ ବେଶ ଦେଖି ଗୋ
ବଉଳ !
କେ ଧରିବ ଦେହ ଗୋ
ବଉଳ ! । ୩ ।

ଘଡ଼ିଏ ମନରୁ ମୋର ନ ଯାଉ ତା କଥା
ଘରବର ତେଜ୍ୟା କଲି ଗୋ
ବଉଳ !
ଏକା କୃଷ୍ଣ ଚିନ୍ତା ଗୋ
ବଉଳ । ୪ ।

ନାହିଁ ନ କରଣ ଦୂତି ! ବେଗ ହୋଇ ଯାଅ
ନସ୍ତେ ଯେବେ ନ ଆସିବେ ଗୋ
ବଉଳ !
ହରିଜିବ ଦେହ ଗୋ
ବଉଳ ! । ୫ ।

ଚିତ୍ତ ମୋର ଛନ ଛନା ହୁଏ ଦକ ଦକ
ଚିତ୍ତରୁ କ୍ଷଣେ ନ ଯାଇ ଗୋ
ବଉଳ !
ଚନ୍ଦନ ତିଳକ
ବଉଳ ! । ୬ ।

ଛନ୍ଦଛି ବେନ ଚରଣ ଶ୍ରୀକରେ ବଇଁଶୀ
ଛଇଳ ନଟ-ନାଗର ଗୋ
ବଉଳ ।
ନୂପୁର ମୃରୁଛି ଗୋ
ବଉଳ ! । ୭ ।

ଜାଣିଲି ଅଛି ଗରିଷ୍ଟ ମଲ ମହାମଲ
ଜାତିକୁଳ ତେଜ୍ୟା କରି ଗୋ
ବଉଳ !

ଯାହା ବୋଲ ବୋଲ ଗୋ
ବଉଳ ! । ୮ ।

ଝିମଣ୍ଡେ ମନରୁ ନ ଯାଇ ତାର କଥା
ଝସକେତୁ ବାଣ ବାଜଲେ ଗୋ
ବଉଳ !
ଶ୍ରୀଅଙ୍ଗ କଲା ବ୍ୟଥା ଗୋ
ବଉଳ ! । ୯ ।

ନ ରୁଚଇ ଅନ୍ନ ପାଣି ଗରୁ କେଶବାସ
ନନ୍ଦସୁତ ସଙ୍ଗେ ଥିବା ଗୋ
ବଉଳ !
ରଜନୀ ଦିବସ ଗୋ
ବଉଳ ! । ୧୦ ।

ଝାହି ପଡଦାସ ଆମ୍ଭେ କାହାକୁ କହବା
ଝଙ୍କଧର ଅଜାରକ ଗୋ
ବଉଳ !
ଛପାଇଁ ଗ୍ରହବା ଗୋ
ବଉଳ ! । ୧୧ ।

ଠାକୁରଙ୍କ ପଦ୍ମପାଦେ ଥିବା ଅବନଷ୍ଟ
ଠାଠିକେ ଶରଣ ଗଲା ଗୋ
ବଉଳ !
ଠକ ବଂଶୀ ଦାସ ଗୋ
ବଉଳ ! । ୧୨ ।

ତରଥାଉ ବୋଲୁ କେଣ୍ଟୁ ଗଲେ ବୃନ୍ଦାବନ
ଢେରିଥାଉ ଶ୍ରବଣ ଗୋ
ବଉଲ !
ଶୁଣି ବେଣୁସ୍ୱନ ଗୋ
ବଉଲ ! । ୧୩ ।

ଢଳ ଢଳ ଆସୁଥାନ୍ତି ବତ୍ସବୃନ୍ଦ ଧେନ
ଢଳବେ ତାହାଙ୍କୁ ଦେଖି ଗୋ
ବଉଲ !
ସୁର ନର ମୁନି ଗୋ
ବଉଲ ! । ୧୪ ।

ଅଖିଳ କୋଟି ବ୍ରହ୍ମାଣ୍ଡ ଅଧିପତି ହୋଇ
ଆମ୍ଭଙ୍କୁ ଅନାସ୍ଥ କରି ଗୋ
ବଉଲ !
ଗଲେ କାହିଁ ପାଇଁ ଗୋ
ବଉଲ ! । ୧୫ ।

ତନୁ ତାଙ୍କ କୋମଳ ମଧୁର ତାଙ୍କ ବାଣୀ
ତରସ୍ତ ହୋଇଲୁ ଶୁଣି ଗୋ
ବଉଲ !
ଗୋପର ତରୁଣୀ ଗୋ
ବଉଲ ! । ୧୬ ।

ଥଳର ନୋହଇ ଚିତ୍ତ ଥାଏ ନ ଜାଣିଲେ
ଥନ ପାନେ ମୃଦନାନ୍ତୁ ଗୋ

ବଉଳ !
କମ୍ପାର ମାଇଲେ ଗୋ
ବଉଳ ! । ୧୭ ।

ଦହନ କରଣ ବୃନ୍ଦ ! ଜନ୍ମୁଅଛି ତୋତେ ,
ଦହୁଛି କନ୍ଦର୍ପ-ବାଣ ଗୋ,
ବଉଳ !
ଦୟାକର ମୋତେ ଗୋ
ବଉଳ ! । ୧୮ ।

ଧୀରେ ଅସ୍ତଯାନ୍ତି ଧୂସର ଦିଶଇ ଚନ୍ଦ୍ର
ବସ୍ଥ ବୃନ୍ଦମେଲେ ଗୋ
ବଉଳ !
ଉଡ଼ ପଡ଼ ରେଣୁ ଗୋ
ବଉଳ ! । ୧୯ ।

ନୋହିଲେ କି ବୋଷ୍ଟଚନ୍ଦ୍ର ଚରଣରୁ ଶୋଭି
ନୀଳେନ୍ଦ୍ର ଲୋଚନେ ଗୋ
ବଉଳ !
କି ଉପମା ଦେବା ଗୋ
ବଉଳ ! । ୨୦ ।

ପରତେ ନ ଯାଇ ଅମ୍ଭେ ତାହାଙ୍କ କଥାକୁ
ବୃନ୍ଦାବନରେ ଯାହା ଗୋ
ବଉଳ !
ବୋଲନ୍ତି ଅମ୍ଭଙ୍କୁ ଗୋ
ବଉଳ ! । ୨୧ ।

ଯାନ୍ତ ଯାଉଅଛ ହୃଦ ତାଙ୍କ ଗୁଣ ଗୁଣି
ଫୁଲଣା ହୋଇଲୁ ଗୋ
ବଉଲ !
ବରଜ ତରୁଣୀ ଗୋ
ବଉଲ ! । ୧୨ ।

ବଦନ ହୋଇଣ ଦୂତ ! ବେଗ ହୋଇ ଯାଅ
ବୃନ୍ଦାବନଚନ୍ଦ୍ର ଲାଗି ଗୋ
ବଉଲ !
ହରାଇବୁଁ ଦେହ ଗୋ ।
ବଉଲ ! । ୧୩ ।

ଭବ ଭାବ ମୁନି ଯାର ନ ପାଇଲେ ଲେଖ
ଭାବକୁ ଶରଣ ଗଲ ଗୋ
ବଉଲ !
ବଂଶୀଧର ଦାସ ଗୋ
ବଉଲ ! । ୧୪ ।

ମଥୁରାକୁ ଗଲ ଦିନ୍ ମନେ ସୁଖ ନାହିଁ
ମରବୁ ସକଳ ଗୋପୀ ଗୋ
ବଉଳ !
ତା ମୁଖ ନ ଚାହିଁ ଗୋ
ବଉଲ ! । ୧୫ ।

ଯୋଗୀଜନମାନେ ଯାର ନ ପାଇଲେ ମାୟା
ଜନମଦନ୍ ଜାଣିଲୁ ଗୋ

ବଉଳ !
କସ୍ତୂର ତା ହୁଅ ଗୋ
ବଉଳ ! । ୧୬ ।
ରଙ୍ଗିମା ଅଧରେ ପ୍ରଭୁ ମନ୍ଦ ମନ୍ଦ ହସି
ରଖିଲୁ ସକଳ ଗୋଇ ଗୋ
ବଉଳ !
ଶୁଣି ତାଙ୍କ ବଂଶୀ ଗୋ
ବଉଳ ! । ୧୭ ।
ଲାବଣ୍ୟ ନିଧିଙ୍କ ଆଉ ପାଇବା ସେ କାହିଁ
ଲୋଚନେ ଦେଖିବା ଯାଏ ଗୋ
ବଉଳ !
ମନେ ପ୍ରତେ ନାହିଁ ଗୋ
ବଉଳ ! । ୧୮ ।
ବିଧାତା କଲା କର୍ମକୁ କେ କରିବ ଆନ
ବନମାଳୀ ଗଲା ବନୁ ଗୋ
ବଉଳ !
ନ ସରଇ ଦିନ ଗୋ
ବଉଳ ! । ୧୯ ।
ଶ୍ରୀକୃଷ୍ଣ ମଥୁରା ଗଲେ ନ ସରଇ ଦିନ
ଶରୀରକୁ ଗରୁ ହେଲା ଗୋ
ବଉଳ !
ପିନ୍ଧିଲା ବସନ ଗୋ
ବଉଳ ! । ୨୦ ।

ସୁମୁଖୀ ବଚନେ ଶୁଣି ହରଷ ବଦନ
ସତେ ଯେବେ ନ ଆସିବେ ଗୋ
ବଉଳ !
ଯିବା ସନ୍ନିଧାନ ତୋ
ବଉଳ ! । ୩୧ ।

ସରୋଜଲୋଚନୀ ମାନେ ହୋଇବୁ କୁଶଳ
ସମସ୍ତ ବେଦନା ହରିବେ ଗୋ
ବଉଳ !
ଯଶୋଦାଙ୍କ ବାଳ ଗୋ
ବଉଳ ! । ୩୨ ।

ହରଷ ହୋଇଣ ସେ ହରିଙ୍କି ଲଭୁଥାଅ
ହରିବେ ସକଳ ଦୁଖଗୋ
ବଉଳ !
ସଂଶୟ ନ ପାଅ ଗୋ
ବଉଳ ! । ୩୩ ।

ଯେଉଁ ବରଙ୍କ ପଦ୍ମପାଦେ ଅନ୍ତ ମନ ଦେଇ
ଗୁର ବଂଶୀଧର ଦାସ ଗୋ
ବଉଳ !
ସେ ପାଦକୁ ଧାୟି ଗୋ
ବଉଳ ! । ୩୪ ।

ପୂର୍ବରାଗ ଚଉତିଶା

ଏହି ଚଉତିଶଅକ୍ଷରମୂଳକ ଗୀତଟି ପୂର୍ବରାଗବିଶିଷ୍ଟ ଉପଗୀତରେ ବର୍ଣ୍ଣିତ ହୋଇଥିବାରୁ ପୂର୍ବରାଗ ଚଉତିଶା ବୋଲି କହନ୍ତି । ଏହିପରି ରଚନାପ୍ରଣାଳୀବିଶିଷ୍ଟ ନିର୍ଗୁଣ ଚଉତିଶା ମଧ୍ୟ ମିଳିଥାଏ । ଚଉତିଶା ପୁରୁଣା ଓଡ଼ିଆ କବିମାନଙ୍କର ଭାବ ପ୍ରକାଶର ଗୋଟିଏ ପ୍ରିୟ ସରଣୀ ଥିଲା ଓ ଏହିରେ ସେମାନେ ନାନା ଚାତୁରୀ ଦେଖାଉଥିଲେ । ସେଥିପାଇଁ ଗୀତରୁ ଓଡ଼ିଆ ଭାଷାର ସହଜ ଶକ୍ତିର ପରିଚୟ ମିଳେ । ପୂର୍ବରାଗ ଚଉତିଶା ତନ୍ମଧ୍ୟରୁ ଗୋଟିଏ ।

କୃଷ୍ଣ ଚନ୍ଦ୍ର-ଋଷି କୃପାନିଧାନ
କୃଶତନୁ ବୃଷଭାନୁ-ନନ୍ଦନ । ଘୋଷା ।
କଞ୍ଜ-ଗଞ୍ଜନ-ଦୃଷ୍ଟି । କେଳିକଳାଲାଳସି
କହ କାହିଁ ପାଇଁ ବସିଛୁ ରୁଷି । ୧ ।

ଖରତର ଶ୍ୱାସ ମନ ଅଥିର
ଖଞ୍ଜନ ନେତ୍ରୁ ବହେ ନୀର ଧାର
କ୍ଷଣେ ଓପ୍ରୋଧ ନାହିଁ । ଖେଦେ ବକ୍ତ୍ର ଝପାଇ
କ୍ଷିତିକି ଚାହିଁ କର ଗଣ୍ଡେ ଦେଇ । ୨ ।

ଗୁଣମଣି ନାମ ବାନ୍ଧବ ! ବନ୍ଧୁ
ଗୋର ! ନ ବୁଝିଲେ ବୁଝିବ କେନ୍ଦୁ
ଗତ ଭୁଏକା ମୋର ଗୋପ୍ୟ ନାହିଁ ତୋଠାର
ଗଜଗମନ ! ବୁଝାମଣ କର । ୩ ।

ଘେନାଘେନସ୍ତବ କଥାମାନଙ୍କେ
ଘୋର ବଧ୍ନ ପଡ଼େ ଖ୍ୟାତ ତ୍ରୈଲୋକ୍ୟେ
ଘନକେଶି ! ସେମାନ ଘେନ ସୁଜନ ଜନ
ଘେନନ୍ତି ନାହିଁ ଅଦ୍ୟେ ଗୀତମାନ । ୪ ।

ନାହି ତୋହପରି ପ୍ରଭୁ କାହିଁ କେହିଁ
ନ ବୁଝି ଦଣ୍ଡିଲେ ରଖନ୍ତା ନାହିଁ
ନନ୍ଦସୁତ ଏ ବାଣୀ   ନଟଣ୍ଟ ହୃଦୟେ ଗୁଣି
ନୃପତି ଯଦିବର ଭଞ୍ଜ ଭଣି । ୫ ।

ରାଗ-ମୁଖାରୀ

ଚଞ୍ଚଳ ଚମ୍ପକଅଙ୍ଗୀ ଚମ୍ପାଲୋଚନ ରେ
ଚାହିଁ ଚାହିଁ ନ ଚାହୁଁଛି ମୋ ମୁଖକୁ ଧନରେ
ଚେଷ୍ଟା ଲେଖ ନଷ୍ଟ ରେ ଚରୁ ମଣ୍ଡ ଶିଖରେ
ଚେଲାଞ୍ଚଳ ଚାଳ ଠେକ ଚାରୁ ଚନ୍ଦ୍ରମୁଖ ରେ । ୧ ।

ଛତ୍ରପତି ଦୋହିତା ଯୁବତୀ ରସବତୀ ରେ
ଛେମାବତି ! ଜାଣୁ ପ୍ରୀତି ଗତାଗତି ରେ
ଛାର କଥା ଶୁଣି ରେ ଛେଦ ନାହିଁ ଯୌବନ ରେ
ଛାଡ଼ ଗୁଡ଼ ଗାଢ଼ ତାପ କୋପରୂପ ଧନ ରେ । ୨ ।

ଯିବ ଯିବ ଯିବ ଜୀବ ତୋ ଭାବ ଅଭାବେ ରେ
ଜାଣୁ ଜାଣୁ ଜାଣୁମଣି ! ଏଥି କରୁ ଏବେ ରେ
ଜାଣି ମନୁ ଦୁଃଖରେ   ଯତନେ ଉପେଖରେ
ଯିବା ଜୀବ ରଖ ସୁଖଦାନ୍ନି ! ପାଖେ ରଖରେ । ୩ ।

ଝସ ଝସବାସକ ନୟନା ଧୀରେ ରେ
ଝମ ଝମ ଅଙ୍ଗ ଦମଦମ ହୃଦ ମୋହରେ
ଝଲ ଗୋର ! ଦେଖରେ   ଝଟିତି ଭୁ ରଖ ରେ
ଝଗଡ଼େ ଦୃଢ଼ ନଗଡ଼େ ପଡ଼ ମୁ ନରେଖ ରେ । ୪ ।

ନାଗର, ଗୋପ, ସୁନ୍ଦର କରିବାକୁ ଦାହରେ
ନାହିଁ ନାହିଁ କାହିଁଭସାରେ ତ ମୋର କେହରେ
ନଷ୍ଟେ ମୁଁ ତୋ ଦାସ ରେ ନ କର ନିରାଶରେ
ନବେର ଘତ୍ରିବନ୍ଧ ଚନ୍ଦ୍ରେ ପୀତବାସରେ । ୫ ।

ଘଣ୍ଟୋଣ

ଠେଲ୍ଲ ଯନ୍ତ୍ରବନୀ— ବନ୍ଦତା ନ ଧେନୁ
ଦରନାଭି କହିଲେ ଯେତେ
ଠାଳ ଦେଲେ ପ୍ରୀତି ଠଳ ଯିବ ପ୍ରାଣ
ପଛେ ନ ପାଇବୁ ମୋତେ
ରେ ରମା !
ଠେଲ୍ଲ ଚନ୍ଦ୍ରମୁଖ ଅନା
ଠିଷ ଠିଷ ହସି ଅଲିଙ୍ଗନ କର
ଦେବ ଅଙ୍କୁଁ ଙ୍କା କାଣା ରେ । ୧ ।

ଠାକୁରାଣୀ ଏଣୀ— ଦୃଶୀ ଶଶୀହାସୀ
ଭାସିଲି ମଦନ-ଜଳେ
ଠେଣ ଜ୍ଞାନ-ନାବ ଦେଇ ରଖ ଜୀବ
କଣାଇ ଅଛି ଅକୂଳେ
ରେ ରାମା !
ଠିକେ ଭାବ କୂଳେ ଲଗା
ଠାଠିକି ଗୁରୁ ଚନ୍ଦ୍ରକର ବଦନା
ମୁଁ ତୋ ନୂହିଉ ଅଲଗାରେ । ୨ ।

ଖୋଲୁ ଅନ୍ତର   ଫଳକ ପରି ବକ୍ଷ—
ବରଜ ! ତୁ ସନ୍ଧ ନାହିଁ
ଖେଳାଇ ସେ ସୁଖ   ଦୁଖ ମୂଳ କଣ
ଅବଜ୍ଞାର ଅଙ୍କୁ ଗୁହିଁ
ରେ ଶ୍ୟାମା !
ଉଙ୍କାଇଛ ପ୍ରାଣେ ନୂଆ
ଖୋଲା ପ୍ରତିମା   ଉପମା ସମ ସୁଷମା
ରମା ସମ ଦମ୍ଭା ବନ୍ଧ ରେ । ୩ ।

ତଳ ଗୁହିଁବା   ରହି କହି ନଦେବା
ରହିବା ଦୋଷିବା ସେତେ
ଛାଲେ କଥାପ୍ରେକ୍ଷ   ଏଥୁଂ ନ କଲେ ତୁ
ଙ୍କ ବୋଲିବେ ଲୋକେ ଦୋଷେ
ରେ ଶ୍ୟାମା
ତ୍ରାଳ ଦଅ ସୁଧା-ରସ
ତମ କନ୍ଥ ନାହିଁ   ଘୃଣାମଣି ସଖୀ !
କଣା ଦାସ ପୋଷ ପାଶ ରେ । ୪ ।

ଅଣିମାଦ ଅଷ୍ଟ—   ଅଇଶ୍ୱର୍ଯ୍ୟ ସିଦ୍ଧି
ଧ୍ରୁବପୁରେ ବଶ୍ୟ ଦେଲେ
ଅନ୍ୟରୁ ଅଣୁ   ଅଣଦେଲା ତହିଁରେ
ତୋ ଶ୍ରୀମୁଖ ଦେଖିଥିଲେ
ରେ ଶ୍ୟାମା !
ଅଜ ଏ ସୁଖ ନ କର

ଆନନ୍ଦ-ଛନ୍ଦ ଗୋବିନ୍ଦ-ପଦ-ଦ୍ୱନ୍ଦ
ଛାବେ ଭକ୍ତ ଯନ୍ତ୍ରବର ରେ । ୫ ।

ରାଗ-ଅହାରୀ

ତରୁଣୀ ମଣି- ମଣିପୁର ଭୂଷଣି !
ଏଣୀନେତ୍ରି! ଅବାରେ
ତନୁ ତନୁ ଫୁଲ- ଧନୁ କରୁଅଛି
ତଧୂ ଭାବ ବିନା ରେ
ତାରତର ଅଧର ନ କମ୍ପା ରେ
ତପବଳ ଫଳ ହେବ ମୋ ସଫଳ କର ଅନୁକମ୍ପା ରେ । ୧ ।

ଥାଉଁ ଥାଉଁ ତୋହ ପରି ପ୍ରଭୁ ଗୃହୁଁ -
ଗୃହୁଁ ଗଲେ ନାଶ ରେ
ଥୂଳସ୍ତନା ଅନା ଥିରି ମଧ୍ୟେ ଧିନା
ରହିବ ଅଯଶ ରେ
ଥିବ କୀର୍ତ୍ତି ପ୍ରୀତିଦାମୀ ରଖ ରେ
ଥାଣୁ ମୋହିନୀ ଭାବିନୀ ! ଗୁଣମଣି ତୁ ମୋ ସବୁ ସୁଖରେ । ୨ ।

ଦାଯ ନାଶେ ବିସ ଯଶ ପଉରେଷ
ଫେଡ଼ ତ ନ କହୁ ରେ
ଦୁଃଖ ବଢ଼ି ସୁଖ ଏତ ଭାବ ଛତ
ହେଠ ମୁଖେ ରହୁ ରେ
ଦରହାସ ପ୍ରକାଶିତ ବେଶରେ
ଦମ୍ଭ ଅବଲମ୍ବ କର ପରିରମ୍ଭ କର ହୋଇ ତୋଷ ରେ । ୩ ।

ଯଗ୍ ଜାତ ଫଳ   ସଫଳ ସଙ୍ଗିତ
ମୁକ୍ତି ! ଅନୁକୂଳରେ
ଧର୍ମ ଅର୍ଥ ମୋକ୍ଷ—   କାମହିଁ ପ୍ରତ୍ୟକ୍ଷ
ପାଇ ତୋହ କୋଳରେ
ଧନ୍ୟ ଧନ୍ୟ ଅମୂଲ୍ୟ ପ୍ରତିମାରେ
ଯାହା ଘଟନାରେ ନାସ୍ତି ସଂସାରରେ ତୋ ସମ କେ ରମା ରେ । ୪ ।

ନ ବୁଝି ବିବେକ   ପ୍ରଭୁ କଲେ ତୋଷ
ରଖା କେ ଧରଣୀ ରେ
ଲୋକ ଗଣନାରେ   ତୋ ଯେନ ସଂସାରେ
ମୁଁ ହିନା ବରଣୀ ରେ
ନଷ୍ଟେ ନାଶ ଯିବ କଲେ ହେଳାରେ
ନୃପ ଦତ୍ତ୍ୱର ଚନ୍ଦ୍ରେ ନରେନ୍ଦ୍ର କୃଷ୍ଣ ପାଦ ତଳାରେ । ୫ ।

ରାଗ—କାମୋଦ

ପ୍ରସନ୍ନ ଆନନ ଧନ ! ମଳିନ ନ କର
ପଞ୍ଚଶର-ଶର-ଦର ହର ସୁମାବର !
ପ୍ରେ ପୃତମା ରେ
ପ୍ରଭୁପଣେକ ଗଣ
ପ୍ରୀତି କାନ୍ତି ବଢ଼ ସୁଖ
ପଦାରମ୍ଭ ଅବଲମ୍ବେ କର ଛଡ଼ ଦୁଃଖ । ୧ ।

ଫୁଲ୍ଲ ଅମଳ କମଳ ଦଳ ନେତ୍ର ସହ !
ଫନା ମୋର କଣ୍ଠବର ବରଗନ୍ଧ ଭୂହ

ଫୁଟି ହାସି ରେ !
ଫାଳ କୋପ ତୋ ଯନ୍ତ୍ରୁଁ କି
ଫେଡ଼ି ନ କନ୍ତୁ କାହିଁକି
ଫଳେ ବୁଝି ବୁଝାମଣା କର ହେ ବିବେକୀ । ୨ ।

ବସ୍ତାଙ୍ଗୀ ସୁସଙ୍ଗୀ ରସରଙ୍ଗୀ ହୃଦେ ଜଡ଼ି
ବିହର ମୋ କୋଳେ ଖେଳେ ଗଳେ ଭୁଜ ଛଡ଼ି
ବିଧୁମୁଖି ରେ
ବିମ୍ବାଧରୁ ଦିଅ ସୁଧା
ବୋଧ ହୋଉ କାମ-କ୍ଷୁଧା
ବିଳମ୍ବ ନ କର ବରଦୟାଳୟା ନିଧା । ୩ ।

ଭାବ ହାବ ଲାଭ ଲଭିବାକୁ ମୋର ମନ
ଭର୍ମାଙ୍ଗୀ ସୁସଙ୍ଗୀ ହେବ ହେଲେ ତୁ ପ୍ରସନ୍ନ
ଭାବନିଧି ରେ
ହଜିଥିବି ତୋତେ ମୁହିଁ
ଭାଗ୍ୟଜନ ପ୍ରାପ୍ତେ ହୋଇ
ଭିନ୍ନ ନ କର ଅଭିନ୍ନ ମୋ ମାଗୁଣି ଏହି । ୪ ।

ମାନ ମୁଞ୍ଚ ଉଚ୍ଚ ଘଞ୍ଚ କୁଚ ସୁଶୋଭନା
ମୋତେ ସଞ୍ଚ ରଙ୍ଗ ରଞ୍ଚ ଚଞ୍ଚଳ ନୟନା
ମଦାଳସି ରେ
ମାର ମାରୁଅଛି ଦେଖ
ମୀନ ମୃଗ ନେତ୍ରୀ ଲକ୍ଷ
ମୁକୁନ୍ଦ ପଦାରବିନ୍ଦ ଷଟ୍ପଦ କର ସୁଖ ରୋ ୫ ।

ରାଗ-ଦେଶୀ ଝାମ୍ପା

ଯୁବତୀକୁଳ ରତନ
ଜାଣୁନଣି ଜାଣୁ ମୋର ମନ
ଜୀବ ଥିବା ଯାଏକ   ତୋତେ କେ ମୂର୍ଚ୍ଛିବ
ଯୋଗୀ ପ୍ରାୟେ ବନ୍ଧୁ ଠାରେ ମୋର ଧ୍ୟାନ ।
ଜମ୍ବୁନଦଗାତ୍ରୀ ସହି !
ଜାଣି ଦୟା ନ କରୁ କିମ୍ପାଇ
ଜଗତେ ସୁବୃତ   ସମସ୍ତେ ଅଛନ୍ତି
ଜାଣ ତୋ ବିନୁ ମୋର ଆନ ନାହିଁ । ୧ ।

ରଙ୍କ ମୁଁ ତୁ ରତ୍ନାକର
ରାମା ! ଦୟା-ଧନେ କ୍ରୟ କର
ରହିଥିବ ପାଶେ   ଜୀବ ଥିବା ଯାଏ
ରଖ ଦାଥସନ୍ତି ଦେବି ଯେବେ ମୋର
●ରତିବତୀପ୍ରେମଶୀଳା
ରସେ ରସି ରାସ-ରସ ବଳା
ରତିପତି ଅତି   ଅମୀତ କଳ୍ପିଟି
ରତ୍ନାକର ନୃପଜା କୋମଳା ବାଳା । ୨ ।

ଲକ୍ଷ୍ମୀଲୀବପୂସି ଧନ !
ଲୋଲନେତ୍ର, କେତେ ତେଜୁ ବନ
ଲୋକ ପିନା ମୁହିଁ   କି ରକ୍ଷା ପାଇବି
ନ କଲେ ସେ କୃପା ପ୍ରଭୁଜନ
ଲାବଣ୍ୟ-ପ୍ରତିମା ପ୍ରିୟା

ଲକ୍ଷ ତୋପସ୍ୱୀ ବିବେକୀ ଶ୍ରେଷ୍ଠା
ଲୀଳାବତୀ ହୋଇ ଲୀଳା ହେଲୁ ଏଡ଼େ
ନିଜ ହାନି ବନ୍ଧୁ ବୁଝିକର ଦୟା । ୩ ।

ବେଳକୁ ବେଳ ତୋହର
ବିମ୍ବବଧୂକାୟର ଅଧୀର
କାଣା-ବଚନା ! ବଞ୍ଚନା କହୁ ନାହିଁ
ବିନା ଦୋଷେ ଧନ ! ରୋଷ ବୁଝି ହର
ବୋଧିଲେ ନ ଘେନୁ ବୋଧ
ବାଧ ଉପରେ ହେଉଛି ବାଧ
ବିଧି ବିଧାନ ମୋ ସବୁ ବୁଡ଼ିଲୁଛି
ବନ୍ଧୁ! କେବଳ ଅଛନ୍ତି ବଧି । ୪ ।

ସରୂପ କହିଲେ ଶୁଣୁନାହିଁ
ସୁଜାଣ ବିବେକ ପ୍ରଭୁ ହୋଇ
ସଂସାରେ ଅପ ଯଶ ସିନା ଲଭବୁ
ଶ୍ୟାମାମଣି ! ନ ଘେନୁ ତୁ କାହିଁ ପାଇଁ
ସକଳ ଗୁଣେ ତୁ ପରିପୂର୍ଣ୍ଣ
ସେବି ତୋ ପାଦ ମୁଁ ହେଲେ ଶୀର୍ଣ୍ଣ
ଶୁଣିଲେ ଗୋପ— ବଧୂମାନେ ହସିବେ
ସଦା ଚନ୍ଦ୍ରେ ଘନଶ୍ୟାମ ବର୍ଣ୍ଣି । ୫ ।

ରାଗ—କାମୋଦୀ

ସୁର ସୁନ୍ଦରୀ ସାର— ମଣ୍ଡନ ! ହର ହର—
ପର-ଶରୀର ହର

କୃପା କର

ଶରଦ ଶଶୀମୁଖ   ଦେଖି ପରମ ସୁଖ

ଦେଇ ଜୀବନ ରଖ

କର ମୋର

ସାର ସରସିଜ ନେତ୍ରୀରେ

ସୁବର୍ଣ୍ଣ ଗାତ୍ରୀରେ   ସୁପ୍ରେମ ପାତ୍ରୀରେ

ସୁଚନ୍ଦ୍ରଦାତ୍ରୀରେ ।୧।

ସକଳ ଗୁଣ ସୀମା   ହେ ବୃଷଭାନୁ ଜେମା

ମୋ ଦୋଷ କର କ୍ଷମା

ମାନ ମୁଖ

ସୁଧା ପୂରିତ ହାସ   କର ମୋର ପ୍ରକାଶ

ରସେ ରସାଇ ରାସ—

ରସ ରଙ୍ଗ

ସଦା ସେବକ ମୁଁ ତୋର ରେ

ସୁଦୟା କର ରେ   ଶ୍ୟାମା ଉଦ୍ଧର ରେ

ଶରଣ ତୋର ରେ ।୨।

ହୋଇ ଅଙ୍ଗ ବିନତ   ସହି ନ ପାରି ରତ

ରତିପତି ଉନ୍ମତ

ଦେବ ହର

ହେଲେ ଉନ୍ମନ୍ତ ଦମ୍ଭେ   ନ ରହି ଅବଲମ୍ବେ

କର ପ୍ରସାର ରାଧା

ପାଦ ଧର

ତୁଷ୍ଟି ହୋଇ ତୁଷ୍ଟ ରମା ସେ

ହେଲ ସକାମା ସେ ହରଷ ବାମା ସେ
ହସ୍ତି ମଧ୍ୟମା ସେ । ୩ ।

କ୍ଷଣଚନ୍ଦ ରାଧା ସଙ୍ଗେ ଶ୍ରୀକୃଷ୍ଣ କାମରଙ୍ଗେ
ମିଶି ତା ଅଙ୍ଗେ ଅଙ୍ଗେ
ବୋଡୋହଲେ
ଛନ୍ଦ ଭୁଜ ଭୁଜଙ୍ଗିଣୀ କରନ୍ତି ଆଲିଙ୍ଗନେ
ଅଧରୁ ସୁଧାପାନ
କରେ ଭୋଳେ
କ୍ଷେମେ ଛଇଲ କହ୍ନାଇ ସେ
କ୍ଷେମା ମନାଇ ସେ କ୍ଷତରେ ବନ୍ଧୁ ସେ
କ୍ଷାନ୍ତ ନାହିଁ ସେ । ୪ ।

କ୍ଷଣକୁ କ୍ଷଣ ରାଧା କୃଷ୍ଣରେ ବଢ଼େ ଶ୍ରଦ୍ଧା
କ୍ଷୀର ନୀର ପରାଏ
ମିଶିଗଲେ
କ୍ଷିତିଶ ଖଣ୍ଡ ବର ସେ ପାଦ ନିରନ୍ତର
ପାଇ ପରମ ସୁଖ
ଲଭେ ଭଲେ
କ୍ଷମ କ୍ଷେମର କରଣ ସେ
କ୍ଷେମ ଧାରଣ ସେ କ୍ଷୋଭ ବାରଣ ସେ
କ୍ଷେତ୍ର ଶରଣ ସେ । ୫ ।

ବୋଲି ଚଉତିଶା

ଜଗନ୍ନାଥ ଦାସଙ୍କ ଫୁଲ ବଉଳବେଣୀ ଗୀତ ପରି ଏହି ବୋଲି ଚଉତିଶା ଦକେ ଭକ୍ତଙ୍କର ଗ୍ରାମାଞ୍ଚଳେ ପ୍ରଚଳିତ ଥିବାର ବୋଧହୁଏ । କିନ୍ତୁ ଦେଶରେ ନୂଆ ଧାରା ଖେଳିବା ଫଳରେ ଲୋକଙ୍କର ପ୍ରୟୋଜନ ଓ ରୁଚି ଅନେକ ଅଂଶରେ ବଦଳି ଯାଇଥିବାରୁ ଏ ଧରଣର ଗୀତ ପୂର୍ବେ ଯେତେ ଜନପ୍ରିୟ ହୋଇଥିବ ଏବେ ଆଉ ସେପରି ହେବାର ସମ୍ଭାବନା ନାହିଁ ।

କଦମ୍ବ ଗଛର ଛାଇ ଗୋ
କଦମ୍ବ ମୂଳରେ ରହେ କହ୍ନାଇ
ଗୋପାଳୁଣୀ ହେଲେ ବାଇ ଗୋ । ୧ ।

ଖଣ୍ଡକୋଳଗଛ ଛାଇ ଗୋ
ଖୋଜୁଥିଲୁ ଆମ୍ଭେ ସବୁ ଗୋପବାଳୀ
ଖୋଜିଲେ ଭେଟ ନ ପାଇ ଗୋ । ୨ ।

ଗମ୍ଭାରୀ ଗଛର ଛାଇ ଗୋ
ଗୋଠରେ ଗୋପୀଙ୍କି ବୋଲଣା ହୋଇଲା
ଯମୁନା ଗାଧୋଇ ଯାଇ ଗୋ । ୩ ।

ଘାଣ୍ଟିଆ ଗଛର ଛାଇ ଗୋ
ଘୋର ବୃନ୍ଦାବନେ ମୁରଲୀ ବଜାନ୍ତି
ଘାଗୁଡ଼ି-ମାଳ ଲମ୍ବାଇ ଗୋ । ୪ ।

ନରକୋଳ ଗଛ ଛାଇ ଗୋ
ନରସିଂହ ରୂପେ ହିରଣ୍ୟ ମାରିଲେ
ପ୍ରହଲ୍ଲାଦ ପଦ ଦେଇ ଗୋ । ୫ ।

ଚନ୍ଦନ ଗଛର ଛାଇ ଗୋ
ଚଢା ପଲଖରେ ସାଜିଥାଇ ଚୂଳ
ଚଭୁଷ୍ଣ ମୋହିବା ପାଇଁ ଗୋ । ୬ ।

ଛଭୁଆସ୍ତ୍ରୀ ଗଛ ଛାଇ ଗୋ
ଛାଟ ପିଚ୍ଛ ନନ୍ଦ କୋଳେ ବସାଇଲେ
ଛୁଅଳ ବାଳ ମାଧୋଇ ଗୋ । ୭ ।

ଜଜାଙ୍ଗ ଗଛର ଛାଇ ଗୋ
ଯେଉଁଦିନୁ ଗଲେ ନନ୍ଦର ନନ୍ଦନ
ଯମୁନା ସ୍ନାହାନ ନାହିଁ ଗୋ । ୮ ।

ଝୁମ୍ପୁକା ଗଛର ଛାଇ ଗୋ
ଝୁଟିଲୁଅଛି ସେ ମୟୂର-ଚନ୍ଦ୍ରିକା
ଝୁଟିଙ୍କ ପଡ଼ଇ ମଣ୍ଡି ଗୋ । ୯ ।

ଞାମ୍ବ ଗଛର ଛାଇ ଗୋ
ନନ୍ଦର ନନ୍ଦନ ଶ୍ରୀ ମଧୁସୂଦନ
ନନ୍ଦମନ୍ଦିରକୁ ଯାଇ ଗୋ । ୧୦ ।

ଟଭା ଗଛ ମୂଳ ଛାଇ ଗୋ
ଟେକପଣି କରି ଇନ୍ଦ୍ର ବାଦ କଲା
ରଖିଲେ ଗୋପର ଗୋଈ ଗୋ । ୧୧ ।

ଠାକୁର ଶାଭୂକ-ଛାଇ ଗୋ
ଖୋଜି ଖୋଜି ମୁନି ଭେଟ ନ ପାଇଲେ
ଠୂଳି ଠୂନ୍ୟ ପରେ ଥାଇ ଗୋ । ୧୨ ।

ଡାଳମ୍ବ ଗଛର ଛାଇ ଗୋ
ଡକା କରି ସବୁ ଲବଣୀ ଖାଅନ୍ତି
ଡାକଲେ ପଳାଇ ଯାଇ ଗୋ । ୧୩ ।

ଢାମଣା ଗଛର ଛାଇ ଗୋ
ଢମ ପଣ କରି ପୋତନା ଅଇଲା
ପ୍ରାଣ ଶୋଷିଲେ ମାଧୋଇ ଗୋ । ୧୪ ।

ଅରୁଣ ଗଛର ଛାଇ ଗୋ
ଅରଣ୍ୟ ଭିତରେ ବାଇଡା ପାଇଲେ
ଦଶରଥ ନାଶଯାଇ ଗୋ । ୧୫ ।

ତରାଠ ଗଛର ଛାଇ ଗୋ
ଭୁରୁ ଭୁରୁ କରି ମୁରଲୀ ବଜାନ୍ତି
ତନୁ ଜର ଜର ହୋଇ ଗୋ । ୧୬ ।

ଥରଥରି ଗଛ ଛାଇ ଗୋ
ଥଣ୍ଟ ଚିରି ବକାସୁରକୁ ମାଇଲେ
ରଖିଲେ ଗୋପର ଗୋଷ୍ଠ ଗୋ । ୧୭ ।

ଦନ୍ଥୁଣା ଗଛର ଛାଇ ଗୋ
ଯୁଗ ପ୍ରଳୟରେ ମାରକଣ୍ଡ ଋଷି
ଗର୍ଭରେ ରହିଲେ ଯାଇ ଗୋ । ୧୮ ।

ଧନୁଆ ଗଛର ଛାଇ ଗୋ
ଧରଣୀ-ଧର ତ ମଥୁରାକୁ ଗଲେ
ଧଇର୍ଯ୍ୟ ନ ରହେ ଦେହ ଗୋ । ୧୯ ।

ନଳଢା ଗଛର ଛାଇ ଗୋ
ନଉଲି ବୟସୀ ନନ୍ଦର ନନ୍ଦନ
କୁବୁଜା ଉଜ୍ଜ୍ୱଳ ହୋଇ ଗୋ । ୨୦ ।

ପଣସ ଗଛର ଛାଇ ଗୋ
ପଦ୍ମ ଫୁଲ ପ୍ରାୟେ ନନ୍ଦର ନନ୍ଦନ
ଅକ୍ରୂର ଗୋପରୁ ନେଇ ଗୋ । ୨୧ ।

ଫଣାଫଣୀ ଗଛ ଛାଇ ଗୋ
ଫଗୁ ଖେଳିବାକୁ ପରମାନନ୍ଦ ଯେ
ମଥୁରା ରହିଲେ ଯାଇଁ ଗୋ । ୨୨ ।

ବଉଳ ଗଛର ଛାଇ ଗୋ
ବୃନ୍ଦାବନେ ବ୍ରହ୍ମା ବତ୍ସ ହରି ନେଲେ
କୃଷ୍ଣଙ୍କ ଭେଟ ନ ପାଇ ଗୋ । ୨୩ ।

ଭାଲିଆ ଗଛର ଛାଇ ଗୋ
ଭାରତ ଯୁଦ୍ଧରେ ସାରଥି ହୋଇଲେ
ଅର୍ଜୁନ ରଥରେ ଯାଇ ଗୋ । ୨୪ ।

ମରିଚ ଗଛର ଛାଇ ଗୋ
ମାଇଁ ମାଇଁ ବୋଲି ରାଧାଙ୍କୁ ଡାକନ୍ତି
ଅଈ ବୁଢ଼ୀ ଘରେ ନାହିଁ ଗୋ । ୨୫ ।

ଜୟନ୍ତୀ ଗଛର ଛାଇ ଗୋ
ଜଗତ ଜୀବନ ଯଶୋଦା–ନନ୍ଦନ
ମଥୁରା ରହିଲେ ଯାଇଁ ଗୋ । ୨୬ ।

ଭଙ୍ଗ ମଞ୍ଚୀ ଗଛ ଛାଇ ଗୋ
ରଙ୍ଗେ ରଙ୍ଗେ ବଂଶୀ ଧରି ନାଚୁଥାନ୍ତି
ନାଟୁଆ ପରାଏ ଢାଳି ଗୋ । ୨୭ ।

ଲବଙ୍ଗ ଗଛର ଛାଇ ଗୋ
ଲଉଡ଼ି ଧରଣ ଶ୍ରୀମଧୁସୂଦନ
ନନ୍ଦ ମନ୍ଦିରକୁ ଯାଇ ଗୋ । ୨୮ ।

ବର କୋଳି ଗଛ ଛାଇ ଗୋ
ଗୋପର ଗୋପୀଙ୍କି କେଳି କରିଥିଲେ
ବୃନ୍ଦାବନରେ ତ ନେଇଁ ଗୋ । ୨୯ ।

ଶିଆଳ ଗଛର ଛାଇ ଗୋ
ସାଠ ଦିନ କୃଷ୍ଣ ବିଦ୍ୟା ପଢ଼ିଗଲେ
ସଙ୍ଗେ ବଳରାମ ଭାଇ ଗୋ । ୩୦ ।

ଷଜନା ଗଛର ଛାଇ ଗୋ
ସାତ ଦିନ ତହିଁ ଇନ୍ଦ୍ର ବାଦ କଲା
ରଖିଲେ ଗୋପର ଗୋରୁ ଗୋ । ୩୧ ।

ସୁନାରି ଗଛର ଛାଇ ଗୋ
ଯମୁନାରେ କୃଷ୍ଣ ସ୍ନାନ ସାରିଲେ
ଅକ୍ରୂର ସଙ୍ଗତେ ଥାଇ ଗୋ । ୩୨ ।

ହରଡ଼ା ଗଛର ଛାଇ ଗୋ
ବୀର ହନୁମନ୍ତ ପବନର ସୁତ
ସୀତା ଠାବ କଲେ ଯାଇଁ ଗୋ । ୩୩ ।

କ୍ଷୀରଢୋଳ ଗଛ ଛଇ ଗୋ
କ୍ଷେମେ ନନ୍ଦଦାସ ଶରଣ ମାଗଇ
ରଖିଲେ ଗୋପୀ ମାଧୋଇ ଗୋ । ୩୪ ।

ମାୟାମୃଗ ଚଉତିଶା

ଭାଷା ଦୃଷ୍ଟିରେ ମାୟାମୃଗ ଚଉତିଶା ଅତି ପୁରାତନ ପରି ବୋଧହୁଏ । ତେବେ ସାରଳାମଧ୍ୟ ଅନ୍ତର୍ବ୍ୟକ୍ତ ଢଗରୁ ଚଉତିଶାଙ୍କର ସ୍ଥାନ ମଧ୍ୟ ଅଛି । ଏହା ଶିକ୍ଷିତ ଶ୍ରେଣୀର ନ ଥିଲା ପରି ଜଣାପଡ଼େ ।

ରସକୁଲ୍ୟା

କରେ କୋଦଣ୍ଡ ଧରି ରାମ ଶର
କୁରଙ୍ଗ ମାରିଲେ ବନଚର
କଲା ନାଦ ରଖ ଲକ୍ଷ୍ମଣ ବାଣୀ
କି କି ଉପୁଜିଲା ନାଦେ ନ ଜାଣି ସେ
କରମ ମୋ ବଡ଼ ମନ୍ଦ ହେ
କି ଦୋଷ କଲି ମୁଁ ପିତା ମାତାଙ୍କରେ
ମୋତେ ପେଷି ଦେଲେ ବନ ହେ ।୧।

ଖେଦମନ ରାମ ସୀତାଙ୍କୁ ତହିଁ
ଖଣ୍ଡେ ଦୂରେ ସେହି ରହିଲେ ଯାଇ
କ୍ଷୀଣବାଣୀ କହେ ଜଣାଏ ଖର
କ୍ଷୁଧା ତୃଷାରେ ନଉଛଇ ନାର
ଖଟ ନ ଥିଲୁ କି ଭାଇ ରେ
ଖଞ୍ଜନଲୋଚନୀ ଜନକଙ୍କ ଝିଅ
ଆଉ ମୁଁ ପାଇବି କାହିଁ ରେ ।୨।

ଗରୁବ'ର ସୀତା କହିଲେ ମୋରେ
ଗିରିପର୍ବତ କି ପଡ଼ିଲା ଶିରେ
ଗଗନ ମେଘଙ୍କୁ ସାକ୍ଷୀ କରାଇ
ଗମିଅଛନ୍ତି ଶଙ୍କା ମନେ ପାଇ
ଗରୁ ଲାଗୁଅଛି ମନେ ଯେ
ଗୋବିନ୍ଦ ସୁମରି ଗଲେ ବେନି ଭାଇ
ସୀତା ଛନ୍ତି ଯହିଁ ସ୍ଥାନେ ସେ । ୩ ।

ଘରେ ପଶି ରାମ ନ ଦେଖି ସୀତା
ଘରୁ ବାହାର ପଡ଼ିଗଲେ ମୂର୍ଚ୍ଛା
ଘଡ଼ିକେ ଲକ୍ଷ୍ମଣ ଧଇଲେ କୋଳ
ଘନବାତେ ଯେହ୍ନେ ଲୋଟେ କଦଳୀ ସେ
ଘରଣୀ ସୁମରି ମନେ ଯେ
ଘରୁ ବାହାର ହୋଇଣ ସୀତା ଦେଇ
ଭୁ କଥାଁ ଲୋଟନ୍ତି ବନେ ଯେ । ୪ ।

ନବ ପଲ୍ଲବ ତରୁଲତା ମାନ
ନଦୀ ଗୋଦାବରୀ ଚିତ୍ରକାନନ
ନାନା କୁସୁମେ ତରୁ ବନଲତା
ନଷ୍ଟେ ଜାଣିଛ କି ସୀତା-ବାରତା ସେ
ନରେଖ ହେଲ ମୁଁ ଦେଖ ହେ
ନସ୍ମ ଦେଇ ଜଣେ ଜଣେ ପୁଚ୍ଛନ୍ତି
ନାହଦାନ ହୋଇ ରଖ ହେ । ୫ ।

ଚନ୍ଦ୍ରଶୋଭା ଜିଣି ଚନ୍ଦ୍ରବଦନୀ
ଚଞ୍ଚଳ ଚକିତ ମୃଗ-ଲୋଚନୀ

ଚାରୁ ବିମ୍ବାଧରୀ କନକ କାନ୍ତି
ଚରଣଯୁଗ ଅରବିନ୍ଦ ଜ୍ୟୋତି ସେ
ଚନ୍ଦ୍ରାନନରୁ ଥିବ ମନ୍ଦ ହେ
ଚରଣ ଧନ୍ୟ   ଲକ୍ଷ୍ମଣ କନ୍ଦନ୍ତି
ଚାଲି ନ ଥିବା ଏ ବନ ହେ । ୬ ।

ଛତ ଯାଇ ଜୀବ ରହିଛି ପିଣ୍ଡ
ଛାଡ଼ିପଡ଼ି ମୁଣ୍ଡେ ଅକାଶ ଖଣ୍ଡ
ଛତ୍ରି ଯୂଥିଲେ ଛିନ୍ନପତ୍ର ପୃଷ୍ଠେ
ଛିଦ୍ର କରି କଥା କହିବେ ମୋତେ ସେ
ଛଣ୍ଡାଇ କେ ନେଲା ସଖୀ ହେ ।
ଛାତି ଯାଉଅଛି   ପଞ୍ଚବ—ଛୁଡ଼ିଅ
ଛୋଟେ ଅଶ୍ରେକର ଦୁଃଖୀ ମୁଁ । ୭ ।

ଜୀବଜନ୍ତୁମାନେ ଦେଖିଲେ କହ
ଯାଉଅଛି ମୁଁ ଯେ ଅନାସ୍ଥ ହୋଇ
ଜାନକୀ ନାମ ଜନକର ଝିଅ
ଜାଣିଥିଲେ ସୀତା ବାରତା କହ
ଯାନ୍ତେ କେତେ ଦୂର ପଥ ଯେ
ଜୀବନେ ଥାଇ   ପକ୍ଷୀଚେଷ୍ଟା କହଇ
କୋଦଣ୍ଡ ଦେଖିଣ ହସ୍ତ ହେ । ୮ ।

ଝାଡ଼ବାସୀ ଅମ୍ଭେ ହଗୋଷ୍ଠ ଭାଇ
ଝାଡ଼େ ବୁଲୁଛୁ ଧରଣୀ ହରାଇ
ଝିମଣ୍ଟେ ନ ରଖି କ ଦୋଷ ଘେନ

ଝାଡ଼େ ପେଷି ଦେଲେ ପିତା ଜନନୀ ସେ
ଝାଡ଼େ ଗଲା ବଡପଣ ଯେ
ଝାଡ଼ରେ ଥାଇ ପକ୍ଷୀଟିଏ କହଇ
ସୀତାକୁ ନେଲା ରାବଣ ଯେ । ୯ ।

ନେଉଥିଲା ବେଳେ ଚୋର ସୀତାକୁ
ନଖ ଠେଘନାଡ଼ୀ ବିଦାରିଲି ବୁକୁ
ନୂଆଖଡ଼ଗେ ମୋ କାଟିଲା ଡେଣା
ନେଲା ଲଙ୍କାଗଡ଼ ମୂଢ଼ ରାବଣା
ନିକଳଙ୍କ ଚନ୍ଦ୍ରକୁଳ ହେ ।
ନେଲା ରାବଣ ମାର ସୀତା ଘେନଣ
ଅଯୋଧ୍ୟା ଭୁବନେ ଚଲ ହେ । ୧୦ ।

ଟଳପଡ଼ି ପକ୍ଷୀ ଗଲା ପରାଣ
ଟେକି ଧଇଲେ ରଘୁକୁଳରାଣ
ଟାକିଥିଲା ବିଧି ବନେ ଦଇବ
ଟେକି ଧଇଲା ରାମ ବେନିହସ୍ତ ସେ
ଟେକି ପକାବନ୍ତେ ଭୁଣ୍ଡେ ହେ ।
ଟାଣପଣ ଘୁଡ଼ ଶ୍ରୀରାମ କହନ୍ତି
ନେଉଛୁ ଅନାସ୍ତ ପିଣ୍ଡେ ହେ । ୧୧ ।

ଠିକ ବାଣୀ କହେ ଲକ୍ଷ୍ମଣ ବୀର
ଠାକୁର ହୋଇଣ ଏଡ଼େ ଅଥିର
ଠାବ କର ଖାପୁ ଖଡ଼ଗ ଘେନ
ଠିକେ ପ୍ରହାର କଲେ ବୀରମଣି ସେ
ଠିକେ ଗଲା ତାର ପ୍ରାଣ ଯେ

ଠିକେ ଅସୁର   ଯମପୁରେ ପ୍ରବେଶ
ଠିକ ବଚନ ସିଦ୍ଧାଣ ଯେ । ୧୨ ।

ଡାକ ଗନ୍ଧର୍ବେ ଯେ ବୋଲନ୍ତି ବାଣୀ
ଡରିଥିଲି ମେ ଇନ୍ଦ୍ରର ରାଣୀ
ଡେଇଁ ବାସବେ ବାଧାଏ ମାଇଲା
ଡରାଇ ଶଚୀପତି ଶାପ ଦେଲା ଯେ
ଡାକ କହୁଅଛୁ ଶୁଣ ହେ
ଢରେ ସୁଗ୍ରୀବ   ଋଷିମୁଖ ପର୍ବତେ
ଚଳ ଚଳ ରଘୁଶ୍ରେଷ୍ଠ ହେ । ୧୩ ।

ଣଳ ବଚନ କହେ ରଘୁନାଥ
ଣାଲେ ଚଳନ୍ତେ କିଷ୍କିନ୍ଧର ପଥ
ଣଳଇ ପଙ୍କଜ—ନୟନଂ ନୀର
ଣଳ ମିଳିଲେ—ଶବର ମନ୍ଦିର ସେ
ଣଳ କହୁଛନ୍ତି ବାଣୀ ଯେ
ଣାଉବର୍ଣ୍ଣ ବୃନ୍ଦ—   ଫଳ ଯୋଇଥିଲା
ଦେଲା ଶବରଣୀ ଆଣି ଯେ । ୧୪ ।

ଆସନ ଦେଇଣ ପୁଚ୍ଛେ ବଚନ
ଅଇଲ କି କେ ମୋର ସନ୍ନିଧାନ
ଅଛ ଅଶକତ ତରୁଣୀ ଦେହ
ତୁଚ୍ଛେ ବେଦନ କରି କି କେ କହ ସେ
ଅଛି ଅଶକତ ବାଣୀ ଯେ
ଅତି ସଙ୍କଟ   ବିଧାତା ଭିଆଉଛି
କାନ୍ଦି କହେ ରଘୁମଣି ଯେ । ୧୫ ।

ତ୍ରୈଲୋକ୍ୟ ଜିଣି ଦଶରଥ ରାୟେ
ତାହାଙ୍କର ଆମ୍ଭେ ଜ୍ୟେଷ୍ଠ ତନୟେ
ତାତ ଆଜ୍ଞାରେ ବନବାସ କଲୁ
ତେଣୁ ଏ ବନେ ସୀତା ହରାଇଲୁଁ ଯେ
ତେଣୁ ବୁଲୁଁ ଅଜ୍ଞ ବନ ଯେ
ତୁମ୍ଭେ ଜାଣିବଣ୍ଟ ଜନକ ଝିଅକୁ
ତାର ବିନୁ ନାହିଁ ଆନ ଯେ । ୧୬ ।

ଥୟେ ବଚନ କହେ ଶବରଣୀ
ଥିରେ ଶୁଣମା ରଘୁକୁଳମଣି
ଥିଲା ସୀତା କୋଳେ ଏ ବଂଶବାନ୍ଧୁ
ଥିରେ ଚନ୍ଦ୍ରମାକୁ ଗ୍ରାସିଲା ରାହୁ ସେ
ଥୟେ କହିଲି ବାରତା ଯେ
ଥିବ ସୁଗ୍ରୀବ ଋଷ୍ୟମୁଖ ପର୍ବତେ
ବଳେ ସେ ଆଣିବ ସୀତା ଯେ । ୧୭ ।

ଦଣ୍ଡେ ରହି ରାମ କଲେ ଗମନ
ଦେଖିଲେ ଜମ୍ବୁବନେ ହନୁମାନ
ଦାଶରଥି ହନୁ, ଲକ୍ଷ୍ମଣ ତୁଲେ
ଦଇବ ଯୋଗେ ସୁଗ୍ରୀବ ଭେଟିଲେ
ଦୁହେଁ ଦୁହିଁଙ୍କ ଅବସ୍ଥା ଯେ
ଦୁଃଖ ଦେଖାଇ କୁହାକୁହି ହୁଅନ୍ତି
ଏକତ୍ର ଅନେକ କଥା ସେ । ୧୮ ।

ଧୀରେ ବଚନ ସୁଗ୍ରୀବର କହେ
ଧନ୍ୟ ଅଯୋଧ୍ୟା ରଘୁକୁଳରାୟେ

ଧନ୍ୟ ଦଶରଥ ପିତାଜନନୀ
ଧନ୍ୟ ରାଜପତ୍ନି ତୁମ୍ଭଙ୍କ ରାଣୀ ସେ
ଧନ୍ୟ ଯୁବା ବେନାଜନ ହେ
ଧରିଅଛ ଧନୁ ଶିରେ ଜଟାଧାରୀ
କି ଅର୍ଥ ବନେ ଭ୍ରମଣ ଯେ । ୧୯ ।

ନିଜ ମାତା ବୋଲେ ପିତା ଆମ୍ଭଙ୍କୁ
ନିରାଶ କରି ପେଷିଲେ ବନକୁ
ନଦୀ ଗୋଦାବରୀ କୂଳରେ ଅସି
ନଷ୍ଟେ ହରିଲା ସୀତା ସୁକେଶୀ ସେ
ନନ୍ଦନପ୍ରାୟ ବନ ଘୋର ଯେ
ନ ପାଇଲି ଖୋଜି ଜନକଝିଅକୁ
ପଶୁଛି ଧନୁଧର ମୁଁ । ୨୦ ।

ପ୍ରଭୁ ବଚନେ ସୁଗ୍ରୀବର ତହୁଁ
ପାଇଲା ବସ୍ତ୍ର ଅଳଙ୍କାର ଦେଇ
ପଦ୍ମଲୋଚନୀର କହେ ବଚନ
ପ୍ରତାପେ ନେଇଛି ଲଙ୍କା ରାଜନ ସେ
ଶ୍ରମ ବୃନ୍ଦ ରାମ ଦେଖ ହେ
ପ୍ରଭୁଙ୍କ ଛାମୁରେ ବାରତା କହିବ
ପାଇଲି ବହୁତ ଦୁଃଖ ମୁଁ । ୨୧ ।

ଫେଡ଼ି ବସନ ଦେଲେ ଅପ୍ରେମାନ
ଫଗୁଣା ହୋଇ ବୋଲନ୍ତି ବଚନ
ଫାନ ପ୍ରାପ୍ତେ ଥାଉ ସଖୀ–ସଙ୍ଗେ
ଫାଟି ପଡ଼ୁଅଛି ଯେଉଁ ସବାଗେ

ଫେଡ଼ି କହ ମୋ ଆଗରେ ରେ
ଫାଟି ହୃଦୟ ଯାଉ ମୋର ଜୀବନ
ଜନକ ଝିଅ ଆଗରେ ରେ । ୧୨ ।

ବାବୁ ବିଧାତା ଏହା କି କି କଲୁ
ବନବାସରେ ସୀତା ହରାଇଲୁ
ବିସ୍ମରଥିଲି ମନ୍ଦ ଗନ୍ଧ କେଣେ
ବାରତା ପ୍ରତକ୍ଷେ ନେଲ୍ଲି ଶ୍ରବଣେ ସେ
ବଇଦେହୀଚିନ୍ତା ଶୋକେ ଯେ
ବାହୁଡ଼ାବେଳେ ଅଯୋଧ୍ୟାକୁ ଗଲେ ମୁଁ
କି ବୋଲି ବୋଲିବେ ଲୋକେ ସେ । ୧୩ ।

ଭୟେ ନ କର ସୁଗ୍ରୀବର କହି
ଭଲ୍ଲ ସହିଅଛି ମୋହୋର ଦେହି
ଭାରଯା ଦୁଃଖ ସହସ୍ରେ ବରଷ
ଭକ୍ଷେ କନ୍ଦମୂଳ ନିର୍ଝର ବାଶ ଭୁ
ଭୂପ ଛାଡ଼ ରଘୁମଣି ହେ
ଭାରଯା ଭୂମ୍ଭର ଅଳପ ଦିନେଣ
ଦେବୁ ଆମ୍ଭେ ନିଷ୍ଟେ ଆଣି ହେ । ୧୪ ।

ମୈତ୍ର କଥା ଶୁଣି କହେ ବଚନ
ମଉସ ରିପୁଙ୍କୁ ଯମ ଭୁବନ
ମନେ ଚିନ୍ତା କରି ଉଠିଲେ ବେଗେ
ମଉଷ ସହିତେ ଲକ୍ଷ୍ମଣ ସଙ୍ଗେ ସେ
ମାଇଲେ ଅସ୍ତିରେ ଗୋଡ଼ି ଯେ

ମେରୁ ସମ ଅସ୍ଥି   ଗଗନ ଶିଖରେ
ଉଡ଼ିଲା ଦୁନ୍ଦୁଭି ହାଡ଼ ଯେ । ୧୫ ।

ଯାନ୍ତ୍ରେଣ ପଥେ ଦଶରଥ ବଳା
ଲଙ୍ଘି କରିଗଲେ ସପତ ଶାଳା
ଯାଇ କିଷ୍କିନ୍ଧା ନଗରେ ପ୍ରବେଶ
ଲାଗିଲା ବାଳୀ କାହାର ସାହାସ ସେ
ଯାଇଁ ଡାକେ ଗପୁଦ୍ୱାରେ ଯେ
ଯତନେ ନେଇ   ବୁଥାଏ କି ମାଇଲା
ବାଜିଲା ସୁଗ୍ରୀ ଉପରେ । ୧୬ ।

ରାଗ ପାଇ ବାଳୀ ବସିଲା ମାଡ଼ି
ରାମ ଲୁଚିଥିଲେ ଲତା ଓହାଡ଼ି
ରାଜୀବଲୋଚନ ପୂରେଇ ଶର
ରୋଷେ ଛାଡ଼ିଦେଲେ ବାଳୀ ଉପର ସେ
ରାବ ଦେଇ ମଲା ବାଳୀ ସେ
ରୋଦନ କରନ୍ତି   ଉଚ୍ଚସ୍ୱରେ ଲୋକେ
ସୁଗ୍ରୀବ ଦେଇଣ ଗାଳି ଯେ । ୧୭ ।

ଲକ୍ଷ୍ମଣ ରାମ ସୁଗ୍ରୀବ ବଚନ
ଲେଉଠାପାଠରେ ହୋଅ ରାଜନ
ଲଙ୍କାଗଡ଼ ବେଢ଼ି ରାବଣ ମାରି
ଲୋଡ଼ ଆଣି ମୁଁ ଜନକକୁମାରୀ ଭୁ
ଲୋକ ଲାଜ ବଡ଼ ଭୟେ ହେ
ଲାବଣ୍ୟ ହୋଇ   ସୁଗ୍ରୀବର କହଇ
ବରଷା ସରିବା ଯାଏ ହେ । ୧୮ ।

ବାନ୍ଧଲେ ସୁଗ୍ରୀବର ମୁଣ୍ଡେ ପାଟ
ବରଷା ଅଗମେ ରାମ ଉଚ୍ଚାଟ
ବାଜେ କଲେ ମାଲ୍ୟବନ୍ତ ପର୍ବତ
ବସାଙ୍କର ରହେ ଦଶଅ ତଟେ ସେ
ବନ ଜୀବଜନ୍ତୁ ଦେଖି ହେ
ବଇଦେହୀ ନାମେ ଜନକ ଝିଅଲୁ
ହଜାଇ ହେଲି ଦୁଃଖୀ ମୁଁ । ୨୯ ।

ସୌମିତ୍ରି ସଙ୍ଗେ ବରଷା ବଞ୍ଚଲେ
ଶରଦ ସମୟେ ମୈନ୍ଦ ଅଇଲେ
ସମୁଦ୍ର ଡେଇଁ ଗଲେ ହନୁମାନ
ସୀତା ଠାବ କଲେ ଅଶୋକ ବନ ସେ
ଶ୍ରୀରାମ ବାରତା କହୁ ଯେ
ସୁବର୍ଣ୍ଣ ମୁଦି ଦେଇ ମଣି ଘେନିଣ
ଲଙ୍କାପୁର ଗଲା ଦହି ଯେ । ୩୦ ।

ସୀତା ବାରତା କହନ୍ତି ପାବନ
ସନ୍ତୋଷ ହୋଇଲେ କୋଦଣ୍ଡପାଣି
ସିନ୍ଧୁ ତଟରେ ଭେଟି ବିଭୀଷଣ
ଶରଣ ପଶିଲା ରାମ ଚରଣ ସେ
ଶାଢ଼ୀ ତାକୁ ରାମ ଦେଇ ଯେ
ସିନ୍ଧୁ-ବାନ୍ଧ ରାମ ପାର ଯେ ହୋଇଲେ
ଶୁଭେ ସୁବଳଯା ଯାଇ ଯେ । ୩୧ ।

ସଦଳ ହୋଇ ଯୁଝିଲା ରାବଣ
ସମରେ ରାମ ମାରି କୁମ୍ଭକର୍ଣ୍ଣ

ସୌମିତ୍ରି ବଧ କଲେ ଇନ୍ଦ୍ରଜିତ
ସକୁଟୁମ୍ବ ଭୂଲେ ରାବଣ ହତ ସେ
ସ୍ୱର୍ଗେ କଲେ ଜୟ ଜୟ ହେ ।
ସ୍ୱର୍ଣ୍ଣପୁରେ ନୃପତିପଣେ ଶାଢ଼ୀ
ପାଏ ବିଭୀଷଣ ରାଏ ହେ । ୩୨ ।

ହର ଚାଳ ରୃଷ ବଳର ମଧ
ହୁତାଶନେ ସାଧି ସୀତା ବସ୍ତ୍ର
ହାଟକଘଟିତ ପୁଷ୍ପ ବିମାନେ
ହେଲେ ପ୍ରବେଶ ଅଯୋଧ୍ୟା ଭୁବନେ ଯେ
ହାସ୍ୟ କଲେ ସର୍ବ ଲୋକ ଯେ
ହରଷେ ଭରଥ ରାମ ପାଦେ ପଡ଼ିଣ
ଛାଡ଼ିଲେ ସକଳ ଶୋକ ଯେ । ୩୩ ।

କ୍ଷମାଶୀଳ ପ୍ରଭୁ ରଘୁନାୟକ
କ୍ଷିତିଜା କୋଳେ ହେଲେ ଅଭିଷେକ
କ୍ଷତ୍ରଅର୍ଘ୍ୟ ଘେନ ଋଷି ବନ୍ଦନ୍ତି
କ୍ଷଣକେ ମାତାଗଣେ ଦେଖୁଛନ୍ତି ସେ
କ୍ଷତ୍ରିବର ରାମଚନ୍ଦ୍ର ହେ ।
ଛାଡ଼ିବ ନାହିଁ ଜୀବନ ଥିବା ଯାଏ
ଏହି ଆଜ୍ଞା ମୋତେ ଦେଉ ହେ । ୩୪ ।

ସମାପ୍ତ

କଟକ ପ୍ରାଚୀ ମୁଦ୍ରଣାଳୟରେ ଶ୍ରୀ [illegible] ପଟ୍ଟନାୟକ ବି. ଏ. ଙ୍କ ଦ୍ୱାରା ମୁଦ୍ରିତ ।

ଚଉତିଶା ଚନ୍ଦ୍ରିକା

ଆର୍ତ୍ତତ୍ରାଣ ବା ଜଣାଣ ଚଉତିଶା।

୧। କୃପାବ୍ଧି—ଦୟାସାଗର ଜଗନ୍ନାଥ। କାକୁ ସ୍ୱରର ହୋଇ—କାକୁତି ମିନତି ହୋଇ। ସରିତପତି—ସମୁଦ୍ର। ତହିଁ—ଠାରେ। ବିଭବ—ଐଶ୍ୱର୍ଯ୍ୟ।

୨। ଖିଳବ୍ରହ୍ମାଣ୍ଡୋଦରେ—ସମଗ୍ର ବିଶ୍ୱରେ। ଖଗକୁଳକ କାନ୍ତ—ପକ୍ଷୀ ଶ୍ରେଷ୍ଠ ଗରୁଡ଼ର ସ୍ୱାମୀ।

୩। ଗ୍ରାହ—କୁମ୍ଭୀର। ରଥାଙ୍ଗ—ଚକ୍ର। ପତ୍ରିଯାନ—ଗରୁଡ଼। କେତନ—ବାହନ। ନୀରନିଧି—ସମୁଦ୍ର।

୪। ଅକୂପାର—ସମୁଦ୍ର। ଘନେ—ଭଲରୂପେ। ଘୃଣା—ଦୟା। ଘଟ କୁମର—ଅଗସ୍ତି। ସେ ଯେପରି ସମୁଦ୍ରକୁ ଚଳୁ କରି ଦେଇଥିଲେ ସେହିପରି ମୋର ବିପଦ ତୁମ୍ଭର ଦୟାରୂପ ସମୁଦ୍ରକୁ ଚଳୁ କରିଦେଲା।

୫। ପ୍ରସ୍ରବଣ—ଅଶ୍ରୁ। ନବପୟୋଦ—ଜଳଦ।

୬। ଚତୁର୍ବର୍ଗ—ଧର୍ମ, ଅର୍ଥ, କାମ, ମୋକ୍ଷ। ପରଶ୍ୱର—ଶଙ୍କର। ଚପଳା—ଲକ୍ଷ୍ମୀ। ଚ୍ୟୁତ—ଖଣ୍ଡିତ। ନୀଳ ଶୈଳ ଚୂଡ଼ାମଣି—ନୀଳାଚଳନାଥ।

୭। ପଦସାରଜ—ପାଦପଦ୍ମ। ସ୍ୱାତ—ସିଦ୍ଧ। ସେହା—ଯାଞ୍ଚ୍ଞା।

୯ । ଝଳନ୍ତି—ଖ୍ୟାତ ହୋଇଅଛି । ଝଞ୍ଜା—କ୍ଳେଶକର ।
ଗର୍ବା—ଗର୍ବବତୀ । ଝାଡ଼ିକା—ଝଟିତିରୁ ଝାଡ଼—
ଝାଡ଼ିକା—ତହିଁରୁ ଯାଉଛି । ନିମିଷେ—ଅଳ୍ପକେ ।

୧୦ । ନାଗ ନୃପତି—ବାସୁକି । ସୂର—ସୂର୍ଯ୍ୟ । ନିଧିଧର—
ସମୁଦ୍ର ।

୧୧ । ପଞ୍ଚ ସୁତ ହୋଷିତ—ପାଣ୍ଡବଙ୍କ ଭାର୍ଯ୍ୟା, ଦ୍ରୌପଦୀ ।
ଟେକ—ବଡ଼ ।

୧୨ । ଦୋଷକୁ—ଦୋଷ ନିମିତ୍ତ । ଠୂଳ—ସ୍ଥୂଳ ଶବ୍ଦରୁ—
ବଳ୍ପ । ଠଣା—ସୁଗଠିତ ।

୧୩ । ବ୍ରାହ୍ମଣ—ସୁଦାମା । କନ୍ଦର—ବିବର । 'ଡାକଲେ ଶୁଣ
ଜିବନରେ' ମଧ୍ୟ ପାଠାନ୍ତର ହୋଇପାରେ । ଏଠାରେ
ଜିବନରେ ଅର୍ଥ ଶୀଘ୍ର । 'ହେଣୁ ବା ନ ଶୁଣ ବ୍ୟାଜରେ'
ଶେଷ ପଂକ୍ତିର ପାଠାନ୍ତର । ବ୍ୟାଜରେ—କପଟରେ,
ଅଛଳରେ ।

୧୪ । ଚାଳେ—ଚଳିତରେ, ଛଳିତରେ ।

୧୫ । ବିପଦରକ୍ଷ ଛନ୍ଦ—ବିପଦ ନାଶକାରୀ । ରେଖେ—
ଚଞ୍ଚଳରେ ।

୧୬ । ତ୍ରି ତାପ—ଅଧିଭୌତିକ (ଦେହର ପୀଡ଼ା) । ଅଧି
ଦୈବିକ (ଦୈବକୃତ ପୀଡ଼ା), ଅଧ୍ୟାତ୍ମିକ (ମାନସ ପୀଡ଼ା) ।
ପତିତ ଭୂଷଣ—ପତିତମାନଙ୍କ ମଧ୍ୟରେ ଶ୍ରେଷ୍ଠ । କରୁଣା
ନିଧାନ—ଦୟାର ଭଣ୍ଡାର । କେତନ—ବାନା ।

୧୭ । ଯେସନେ ବିଜୁଳି ଘନ—ମେଘରେ ବିଜୁଳି ପରି ।
କମଳଦଳବନ—ପଦ୍ମ ପତ୍ରରେ ପାଣି ପରି ।

୧୮ । ବିବୁଧପତି ପଦ—ଇନ୍ଦ୍ର ପଦ । ଶ୍ରିପା—ଲକ୍ଷ୍ମୀ ।
୧୯ । ବାସର—ଦିନ ।
୨୦ । ନୃପ କଦମ୍ବ—ନୃପ ସମୂହ ।
୨୧ । ଦଗ୍ଧଦର—ଘୃତ ।
୨୨ । ଫୁଲ୍ଲେନ୍ଦୀବରେକ୍ଷଣ—ଫୁଟିଲା ନୀଳକଇଁ ପରି ଆଖି ଯାହାଙ୍କର; ଫଣୀଶୟନ—ସର୍ପଶଯ୍ୟାରେ ଶାୟିତ ବିଷ୍ଣୁ ।
୨୩ । ଯାନ ଚରଣ—ରଥାଙ୍ଗ, ଚକ୍ର ।
୨୪ । ଦୋସର—ସଙ୍ଗୀ ସଖା । ମୃଗଧୃତ—ମୃଗାଙ୍କ ଚନ୍ଦ୍ର ।
୨୬ । ଦଣ୍ଡଧର—ଯମ, ବିପଦ କାଣ୍ଡ—ବିପଦ ମଧ୍ୟ ।
୨୭ । ରାମଚନ୍ଦ୍ରଙ୍କ ପଦ ଲାଗନ୍ତେ ଅହଲ୍ୟା ପଥର ଦେହ ଘୁଚି ନିଜ ଦେହ ପାଇଥିଲେ । ରମା—ଲକ୍ଷ୍ମୀ । ରସା—ପୃଥିବୀ ।
୨୯ । ଷ୍ୱଂସ—ନାଶ ।
୩୦ । ଶେଷ—ଅନନ୍ତ, ବାସୁକି । ବିରଞ୍ଚି—ବ୍ରହ୍ମା । ମୂର—ସୂର୍ଯ୍ୟ । ବାସବ—ଇନ୍ଦ୍ର ।
୩୩ । ହେତୁ କର୍ମର ତୁମ୍ଭେ—ତୁମ୍ଭେ ସକଳ କାର୍ଯ୍ୟର କାରଣ ।

ଘନଶ୍ୟାମ ଚଉତିଶା

୧ । କଇତବ—କପଟ ।
୨ । ଖାଇ ମରନ୍ତି·····ବିଷ ଖାଇ ଅବା ମରିଯାନ୍ତି, କିନ୍ତୁ ତୁମ୍ଭେ ଆମ୍ଭଙ୍କୁ ତୁମ୍ଭର ଅଧରାମୃତ ଦିଅଇ ଏପରି ଅକାଟ ପ୍ରାଣ କରିଅଛ ଯେ ବିଷ ଆଉ ଅମୃତଠାରେ କାହିଁ କରିବ ନାହିଁ ।

।

୩ । ଗଲା ମର୍କତ ମାଳ······ପାଣ ପାଲଟ ପ୍ରାଣ ନେବ ପାଠାନ୍ତର । ଆରକୂଟ—ପିତ୍ତଳ ।

ଗୁଞ୍ଜକଣ୍ଠି ପାଇଲା ଯାଗପଶୁ ପରାୟେ
ଅନ୍ତର୍ଦଶା ହେଉଛୁ ଦେଖି । ପାଠାନ୍ତର

ବଳ ପଡ଼ିବାକୁ ଯାଉଥିବା ମନୁର ଯାଗ ପଶୁର ଯେପରି ମନୋବେଦନା ଆମ୍ଭମାନଙ୍କର ତାହା ହେଉଅଛୁ ।

୪ । ଅନଙ୍ଗ ଭୁଜଙ୍ଗମ—କାମରୂପକ ସାପ । ହଂସସୁତ—ଯମ ।

୭ । ଗ୍ରହପତି—ସୂର୍ଯ୍ୟ ।

୮ । ଶ୍ୟାମ ରତନ—ଶ୍ରୀକୃଷ୍ଣ ରୂପ ମଣି, ନୀଳମଣି । ସପୁଷ୍କ—ଫଳୁଆ ।

୯ । ମଧୁର ରସ—ଶୃଙ୍ଗାର ରସ । ଝଷକେତୁ—କାମ ।

୧୧ । ଟେକ—ବଡ଼ ।

୧୨ । ଠାଠିକ—ମାଟିମୂଠି ।

୧୩ । ତକାଇତର ତୁମ୍ଭେ ଗୁରୁ······କଂସ ଦୂରରୁ ତକା ଅର୍ଥାତ୍ ଜବରଦସ୍ତି କରୁଅଛୁ । କିନ୍ତୁ ତୁମ୍ଭେ ତକାଇତ ମାନଙ୍କ ଗୁରୁ ଅର୍ଥାତ୍ କଂସକୁ ତୁମ୍ଭେ ଯବତ୍ କର ପାରନ୍ତ । କିନ୍ତୁ ତାହା ନ କର ତକାଇତ କଥାରେ ପଡ଼ି ତକାଇତ ଅକ୍ରୂରକୁ ଆମ୍ଭେମାନେ ଆଡ଼ ଅର୍ଥାତ୍ ବାରଣ କରୁ କରୁ ତା ସଙ୍ଗରେ ଶକ୍ତିହୀନତାର ବାହାନା କର ତୁମ୍ଭେ ଯେ ଯିବାକୁ ବାହାରିଅଛ ତା ଢକା ବା ଅତ୍ୟାଗ୍ରହ ନୁହେ କି ?

୧୪ । କମଳ ଦଳଗତ କମଳ—ପଦ୍ମ ପତ୍ରରେ ଜଳ ପରି ।

୧୫ । ଆଶୀବିଷ—ସର୍ପ ।

୧୬ । କର୍ପୂର, ପଇଡ଼ ପାଣି, ଲେମ୍ବୁରସ ଏକାଠେର ମିଶିଲେ ବିଷ ହୋଇଯାଏ । ଅକ୍ରୂର ହଂସ ମୂର୍ତ୍ତି······କ୍ଷୀର ନୀର ଏକାଠେଇ ମିଶିଥାଏ, ହଂସ ତାକୁ ଅଲଗା କରନ୍ତି । ସେହିପରି ଭ୍ରମର ଓ ଅମୃତ ଅଭେଦ ପ୍ରୀତିକୁ ଅକ୍ରୂର ଛିନ୍ନାଭିନ୍ନ କରି ଦେଉଅଛୁ ।

୧୮ । ନାମ ଅକ୍ରୂର କିନ୍ତୁ ବେଭାରରେ ଏ କ୍ରୂର, ଖଳ ବୁଦ୍ଧି । ଗ୍ରହ ବିଶେଷର ନାମ ମଙ୍ଗଳ, କିନ୍ତୁ ଫଳ ଦେଲାବେଳକୁ ସବୁ ଅମଙ୍ଗଳ ଏହାଙ୍କଠାରୁ । ଏମାନେ କପଟ ନାମ ଧାରଣ କରି ନିଜର ପ୍ରକୃତିକୁ ଲୁଚାଇ ଥାନ୍ତି । କିନ୍ତୁ ଦୁଷ୍ଟ ଲୋକଙ୍କୁ ବାଛିବା ଅର୍ଥାତ୍ ଦୋଷ ଦେବା ଉଚିତ ନୁହେ । ତାହାର ନାମରୁ ତାର ପ୍ରକୃତି ଆଗରୁ ଜଣା ଯାଇଥାଏ । ଚନ୍ଦ୍ର ସୂର୍ଯ୍ୟଙ୍କ ଗତାଗତ ବା ଆଚରଣ ଯେପରି ସମସ୍ତଙ୍କୁ ଜଣା ଦୁଷ୍ଟ ଲୋକର ଆଚରଣ ମଧ୍ୟ ତଦ୍ରୂପ ।

୨୦ । ଇଚ୍ଛା ପ୍ରାଣ—ଇଚ୍ଛା ମୃତ୍ୟୁ ।

୨୧ । ଫୁଲଧନୁ—କନ୍ଦର୍ପ ।

୨୨ । ଜଗତ ଯନ୍ତ୍ରକାର—ଜଗତର ସ୍ରଷ୍ଟା । ଅକ୍ରୂର କର ଯନ୍ତ୍ର ପ୍ରତିମା—ଅକ୍ରୂର ହାତର କ୍ରୀଡ଼ା ପୁତ୍ତଳିକା । ଯବନିକା, ଯବନୀ—ପରଦା । ନଟ—ନାଟୁଆ । (ଗୋପଲୀଳା ନାଟକୁ ଉପମା ଗୃହୀତ)

୨୩ । ରବି ଅଗ୍ନି ଶତ୍ରୁକୁ ଦୂରରୁ ମହାଗୁରୁ ମର୍ଗେ ସା ସୂତରେ ଭାଷନ୍ତି, ପାଠାନ୍ତର । କିନ୍ତୁ ଉଭୟ ପାଠରେ ଯୁକ୍ତ ଅର୍ଥ ବୋଧ ଗମ୍ୟ ହେଉନାହିଁ ।

୨୯ । ଦୋଷର—ଅନ୍ୟ ।

୩୨ । ସ୍ଫଟିକ·····ପାଖରେ ଥିଲେ ଖଣ୍ଡି କ ଧରେ । ଦୂର ହେଲେ ତାହା କରେନାହିଁ ।

୩୪ । କଞ୍ଜନେ—ପ୍ରକ୍ଷନରେ । ତାଙ୍କ ନୟନ·····ସେମାନଙ୍କ ଆଖିକୁ ଆଖି ବୋଲି କହିବା । ଅର୍ଥାତ୍ ସେହିମାନଙ୍କ ଆଖିହିଁ ସାର୍ଥ ।

ଗୁଣ୍ଡିଚା ଭାବନା ଚଉତିଶା

୧ । ସଙ୍ଘାତ—ସଙ୍ଗାତ । କାମପାଳ—ବଳଦେବ ।

୨ । ଖଟ୍ଟାଙ୍ଗଧର—ମହାଦେବ । ହୁଳା—ମଙ୍ଗଳ ।

୪ । ଗଜପତି—ପୁରୀର ଠାକୁର ରାଜା ।

୫ । ଅବଧାନ—ମନୋଯୋଗ ।

୬ । କଦମ୍ବ କୁସୁମ ପ୍ରାୟେ—ରୋମ ଟାଙ୍କୁରିଛି ।

୭ । କ୍ଷେତ—ଶୋଭ ।

୮ । ବାଳ ସୁନ୍ଦରୀ—ଦେବଦାସୀ । ଝାମ୍ପିଥିବ—ବ୍ୟାପିଥିବ ।

୧୪ । ଚଳହଳ—ପରିଷ୍କାର, ବିଶଦ ।

୧୯ । ଧନ୍ୟ ଧରଣୀ ଫଣୀମଣି ବାସୁକି କମଠ ମଣ୍ଡୁକ ଭାବ—କମଠ=କଚ୍ଛପ ତା ଉପରେ ଫଣୀମଣି ସର୍ପଶ୍ରେଷ୍ଠ ବାସୁକି, ତା ଉପରେ ପୃଥିବୀ ଏ ତିନହେଁ ଯୋଗୋକ୍ତ ମଣ୍ଡୁକ ଭାବରେ ରହି ଅର୍ଥାତ୍ ସ୍ଥିର ରହି ବୈଷ୍ଣବୋଚିତ ବେଶରେ ଜଗନ୍ନାଥଙ୍କୁ ଧାରଣ ରୂପ ସେବା କରୁଅଛନ୍ତି ।

୨୮ । ଲକ୍ଷ୍ୟ ରହିତ—ଅନୁପମ । ଲକ୍ଷ୍ୟ—ଉପମା ।

ସ୍ନାନ ସ୍ମରଣ ଚଉତିଶା

୨ । ଶୀତ ମୟୂଖ—ଚନ୍ଦ୍ର ।

୩ । ଗଞ୍ଜି ନୋହିବ—ମନଦୁଃଖରେ ନ ପଡ଼ିବ ।

୪ । ବ୍ୟୋମପଦ—ଗଗନ ମଣ୍ଡଳ । ଘନ ମୃଦ—ମେଘର ଗର୍ଜ୍ଜ ଓ ଆନନ୍ଦ ବୃଷ ହୁଏ ।

୧୩ । ଡାଳମୃଗ—ମାଙ୍କଡ଼ ।

୧୫ । ଯନ୍ତ୍ରାଯନ୍ତ୍ର—ଜରଜର ।

୧୭ । ଘୋରେନ୍ଦା—ସ୍ୱପ୍ନା ।

୧୯ । ଚହାସ—ତ୍ରାସ (ଛଡ ସଙ୍ଗର ତ୍ରାସ)

୨୨ । ଫଣୀଧର—ମହାଦେବ ।

୨୪ । ଧନ୍ୱ—ବକ୍ର ।

୩୨ । ଉଚ୍ଛାହା—ଉତ୍ସାହ ।

୨୩ । ଦାହାରେ—ଛିଡ଼ା ।

୩୪ । ଷାନୁ—ଷମ୍ବରୁ ।

ଜଗବନ୍ଧୁ ଜଣାଣ ଚଉତିଶା

୮ । ନାମନ୍ତ—ନାମସବୁ ('ନ୍ତ' ପୁରୁଣା ସାହିତ୍ୟରେ ବହୁବଚନର ଚିହ୍ନ

୧୦ । କଳ୍ପ କଳ୍ପ—ଯୁଗ ଯୁଗ ।

ସୀତାନୁଚିନ୍ତା ଚଉତିଶା

୨ । ଖେଦ—ଦୁଃଖ । ଖଣ୍ଡେନ୍ଦୁ—ବକ୍ରଚନ୍ଦ୍ରକଳା ।

୬ । ଦେବା—ଦେବତା ।

୭ । ଠାଣ—ଠାଣି ।

୯ । ଝାଡ଼—ବନ ।

୧୦ । ବାସବଧନୁ—ଇନ୍ଦ୍ରଧନୁ ।

୧୧ । ଟାହିଟମାଲି—ଥଟ୍ଟା ପରିହାସ । ଝଙ୍କଧର ଅରି—କାମ-
ଦେବ ।

୧୩ । ଉଙ୍ଗର—ଦୁର୍ବଳ ।

୧୮ । ସାହୁ—ସାହା ।

୨୫ । ସାନ୍ଦିର—ସମୁଦ୍ର ।

୨୮ । ଲୁଳତ—ବନସ୍ତ୍ରୀ ।

୨୯ । ବେଗିଥାଇଣ—ଶୀଘ୍ର ।

ରାମଚନ୍ଦ୍ର ଜଣାଣ ଚଉତିଶା

୯ । ଝଞ୍ଜକା—କ୍ଳେଶ ।

୧୦ । ନାମ—ନମ୍ର । ଛାୟାବର—ସୂର୍ଯ୍ୟ ।

୧୬ । ଠସ—ଥଟ୍ଟା ।

୨୦ । ଭଗା—ବାନା ।

୨୨ । ଫିକର—ଉପାୟ ।

ବଉଳ ଚଉତିଶା

୩ । ଦେହୁ—ଦେହ ।

୧୧ । ଝଙ୍କଧର ଅରି—ଶିବଙ୍କ ଶତ୍ରୁ ମଦନ ।

୧୭ । ଥିର—ସ୍ଥିର ।

ସପ୍ରାଗ ଚଉତିଶା

୧। କଞ୍ଜ ଗଞ୍ଜନଦୃଶୀ–ପଦ୍ମଠାରୁ ସୁନ୍ଦର ନେତ୍ର ଯେଉଁ– ରମଣୀର।

୨। ଓପ୍ରୋଧ–ଦୟାମାୟା।

୧। ଚଟୁଲ–ସୁଗଠିତ।

୨। ଛେମାବନ–କ୍ଷମାଶୀଳା।

୩। ଜାଣ୍ମଣି–ବିବେକବତୀ।

୧। ଝାଳଦେଲେ–ଭଙ୍ଗିଦେଲେ।

୨। ଅଲଗା–ଭିନ୍ନ।

୩। ଡେଲାଇ–ଭଙ୍ଗି।

୨। ଥାଣ୍ ମୋହଣୀ–ଶିବଧୈର୍ଯ୍ୟନାଶିନୀ

୩। ଦେହଠ ମୁଖ—ନତବଦନ।

୫। ନୋକ–ଲୋକ।

୧। ପରିରମ୍ଭ—ଅଲିଙ୍ଗନ।

୪। ଉର୍ମୀଙ୍ଗୀ—ସୁନାଗୋସ୍ତ।

୩। ଲହୁଲୀ ବୟସୀ–କୋମଳ ଯୌବନା।

୪। ବାଧ–ବାଧା।

---

୧ । ହର ପର ଶର—କାମଦ୍ଧର । ଦର—ଡର ।
ଘେନ—ମଙ୍ଗଳ ।

ବୋଲି ଚଉତିଶା

୧୬ । ଭୁର ଭୁଟ—ଘନ ଘନ ।

ମାୟାମୃଗ ଚଉତିଶା

୧୧ । ପକ୍ଷୀ—ପକ୍ଷୀ ।

୧୨ । ଖାପୁ—ଖାପରୁ

୧୪ । ଗାଢ଼ବର୍ଣ୍ଣ—ନୀଳବର୍ଣ୍ଣ ।

୧୫ । ଅଶକତ—ଦୁର୍ବଳ ।

୨୧ । ପ୍ରମ—ପରମ ।

୨୨ । ଅପ୍ରେମାନ—ଅଲଙ୍କାରପରୁ । ଫୁରୁଣା—ଆନନ୍ଦ ।
ଫାନ୍ଦ—ଫାଶ ।

୨୭ । ଓଦ୍ଭାଡ଼—ପଛ ।

୨୮ । ଲେଉଟା—ଫେରି ।

୩୨ । ସଦଳ—ଦଳବଳ ସହିତ ।

୩୩ । ହାଯା—ଗହଳ ।

୩୪ । ରାମଚନ୍ଦ୍ର—ରାମରାଜ ।

Printed by B. C. Patnaik, B.A.
at the
PRACHI PRESS,
CUTTACK.
1931